୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.123 Bhubaneswar Wednesday June 19 2024 | ୨୬ତମ ବର୍ଷ ସଂଖ୍ୟା–୧୨୩ ଭୁବନେଶ୍ୱର, ମଙ୍ଗଳବାର, ଜୁନ ୧୮, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ଶ୍ରଦ୍ଧା ଓ ପାଣ୍ଡିଆନଙ୍କ କବଜାରେ ବିଜେଡି: ନବୀନ ଅସହାୟ, ଅନିଶ୍ଚିତତାରେ କର୍ମୀ ଓ ନେତା



ଭୁବନେଶ୍ୱର,୧୮ ।୬(ପି.ଏନ): ବିଜୁ ଜନତା ଦଳ ତିଷ୍ଠିବ ତ ନା ଭୁଶୁଡି ପଡିବ ନିର୍ବାଚନୀ ବିପର୍ଯ୍ୟୟର ଏପର୍ଯ୍ୟନ୍ତ ସମୀକ୍ଷା ହେଲାନି କି ଦଳୀୟ କର୍ମୀ ଓ ନେତାଙ୍କ ମନୋବଳ ବ?ାଇବାକୁ ପଦକ୍ଷେପ ବି ନିଆଗଲାନି । ଓଲଟା ଦଳ ଯେଉଁମାନଙ୍କ ପାଇଁ ବିପର୍ଯ୍ୟସ୍ତ ହେଲା ଏବେ ସେମାନେ ପୁଣିଥରେ ସକ୍ରିୟ ହୋଇ ଉଠିଥିବାରୁ ଏଭଳି ପ୍ରଶ୍ନ ବିଜେଡି ନେତା-କର୍ମୀମାନଙ୍କୁ ଆଶଙ୍କିତ କଲାଣି । ୨୪ବର୍ଷର କ୍ଷମତାସୀନ ବିଜେଡିର ନିର୍ବାଚନୀ ବିପର୍ଯ୍ୟୟ ପରେ ସକ୍ରିୟ ରାଜନୀତିରୁ ସନ୍ୟାସ ଘୋଷଣା କରିଥିବା ବିଜେଡିର ଆତ୍ମଘୋଷିତ ସର୍ବ?ସର୍ବା ଭିକେ ପାଣ୍ଡିଆନ ଏବେ ଦିନରାତି ନବୀନ ନିବାସରେ ରହି ନିଜର ବାନ୍ଧବୀ ଶ୍ରଦ୍ଧାଙ୍କ ସହ ମିଶି ଉଭୟ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ବିଜେଡିକୁ ସମ୍ପୂର୍ଣ୍ଣ ଭାବେ ନିଜ କବଜାକୁ ନେଇ ଯାଇଥିବା ଚର୍ଚ୍ଚା ହେଉଛି । ଆଉ ସବୁ ଜାଣି ମଧ୍ୟ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିଜର ବୟସାଧିକ ଯୋଗୁ ହେଉ ଅବା ଅନ୍ୟ କିଛି କାରଣ ପାଇଁ ନିରବ ରହୁଥିବା ଜଣାପଡିଛି । ସୂଚନା ଅନୁସାରେ, ରାଜ୍ୟରେ ୨୪ବର୍ଷ ଧରି ଶାସନରେ ଥିବା ବିଜେଡିର ବିପର୍ଯ୍ୟୟର ମୁଖ୍ୟ ଖଳନାୟକ ତାମିଲନାଡୁ ଜନ୍ମିତ ଭିକେ ପାଣ୍ଡିଆନ ଏବେ ଅସ୍ଥାୟୀ ଭାବେ ନବୀନ ନିବାସକୁ ସିଫ୍ଟ ହୋଇଯାଇଛନ୍ତି । ବିଜେଡିର ବିପର୍ଯ୍ୟୟ ପରେ କର୍ମୀ ଓ ନେତାମାନଙ୍କ ମଧ୍ୟରେ ଥିବା ଆକ୍ରୋଶକୁ ଦେଖି ପାଣ୍ଡିଆନ ଗତ ୯ତାରିଖରେ ଭିଡିଓ ବାର୍ତ୍ତା ମାଧ୍ୟମରେ ସକ୍ରିୟ ରାଜନୀତିରୁ ସନ୍ୟାସ ଘୋଷଣା କରିଥିଲେ । ଆଉ ସେବେଠୁ ସେ ତାଙ୍କ ୟୁନିଟ-୬ସ୍ଥିତ ସରକାରୀ ବାସଭବନରେ ନରହି ନବୀନ ନିବାସରେ ଫୁଲଟାଇମ୍ ରହୁଛନ୍ତି । ଅବଶ୍ୟ ଖବର ଲେଖା ହେବାବେଳକୁ ପାଣ୍ଡିଆନ ଦିଲ୍ଲୀ ଗସ୍ତରେ ରହିଥିବା ଜଣାପଡିଛି । ନବୀନ ନିବାସ ଭିତରେ ନବୀନଙ୍କ ଫିଜିଓଥେରାପିଷ୍ଟ ମହାରାଷ୍ଟ୍ରର ଯୁବତୀ 'ଶ୍ରଦ୍ଧା' ମଧ୍ୟ ରହୁଛନ୍ତି । ବାର୍ଦ୍ଧକ୍ୟଜନିତ ସ୍ଥିତି ପାଇଁ ଶ୍ରଦ୍ଧାଙ୍କ ଉପରେ ନବୀନ ସମ୍ପୂର୍ଣ୍ଣ ନିର୍ଭରଶୀଳ ଥିବାରୁ ତା'ର ଭରପୂର ଫାଇଦା ଶ୍ରଦ୍ଧା ନେଉଥିବା ବିଜେଡି ମହଲରେ ଚର୍ଚ୍ଚା ହେଉଛି । ନବୀନ ନିବାସ ସୂତ୍ର ଅନୁସାରେ, ଉଭୟ ଶ୍ରଦ୍ଧା-ପାଣ୍ଡିଆନ ଯୋଡି ଏବେ ନବୀନଙ୍କୁ ଏଭଳି କରାୟତ କରିଛନ୍ତି ଯେ ସେମାନଙ୍କ ବିନା ଦଳ,ସଂଗଠନ ଏପରିକି ବ୍ୟକ୍ତିଗତ କାର୍ଯ୍ୟ ସଂକ୍ରାନ୍ତରେ ନବୀନ ନିଷ୍ପତ୍ତି ନେବା ସମ୍ଭାବନା କ୍ଷୀଣ । ବିଜେଡିର ଏଭଳି ଲଜ୍ଜାଜନକ ନିର୍ବାଚନୀ ପରାଜୟ ପାଇଁ ପାଣ୍ଡିଆନ ଓ ତାଙ୍କ ତୋଷାମଦକାରୀ ଟିମ୍ ଦାୟୀ ବୋଲି ସମସ୍ତେ ଅନୁଭବ କରିଥିଲେ ମଧ୍ୟ ନବୀନ ଗଣମାଧ୍ୟମ ସାମ୍ନାକୁ ଆସି ପାଣ୍ଡିଆନଙ୍କୁ କ୍ଲିନଚିଟ୍ ଦେଇଥିଲେ । ଚର୍ଚ୍ଚା ହେଉଛି, ଶ୍ରଦ୍ଧାଙ୍କ ଚାପରେ ପାଣ୍ଡିଆନଙ୍କୁ କ୍ଲିନଚିଟ୍ ଦେଇଥିଲେ ନବୀନ । ଆଉ ଏହି କ୍ଲିନଚିଟ ଘଟଣାର ଦିନକ ପରେ ପ୍ରାୟୋଜିତ ଢଙ୍ଗରେ ପାଣ୍ଡିଆନ ସନ୍ୟାସ ଘୋଷଣା କରିଥିଲେ ମଧ୍ୟ ଶ୍ରଦ୍ଧାଙ୍କ ପ୍ରତ୍ୟକ୍ଷ ସହଯୋଗରେ ବିଜେଡି ସଂଗଠନର ଲଗାମକୁ ନିଜ ହାତରେ ରଖି ମନମୁତାବକ ନିୟନ୍ତ୍ରଣ କରୁଥିବା ଜଣାପଡିଛି ।ବିଜେଡି କାହିଁକି ଓ କେମିତି ପାଣ୍ଡିଆନଙ୍କ କବଜାରେ ରହିଛି, କିଛି ପ୍ରମୁଖ ଘଟଣାକ୍ରମ ଏହାର ସ୍ପଷ୍ଟ ଆଭାସ ଦେଉଛି ।୧- ୨୭ବର୍ଷର ସଫଳ ଆଂଚଳିକ ଦଳ ବିଜେଡି କ୍ରମାଗତ ୨୪ବର୍ଷ ଧରି ଓଡିଶାକୁ ଶାସନ କଲା । ନିର୍ବାଚନରେ ଦଳର ଏତେବଡ ବିପର୍ଯ୍ୟୟ ହେବ ବୋଲି କେହି ଆକଳନ ବି କରିନଥିଲେ । ବିଜେଡିର ବରିଷ୍ଠ ନେତାମାନେ ଦଳଦଳ ହୋଇ ନବୀନ ନିବାସ ଯାଇ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟି ବିଭିନ୍ନ ଦାବି ରଖିଥିଲେ । ଦଳୀୟସ୍ତରରେ ଏକ କମିଟି ଗଠନ କରି ପରାଜୟର ସମୀକ୍ଷା କରିବା ପାଇଁ ଦଳୀୟ ନେତାମାନେ ଏକାଧିକବାର କହିଲେ । କିନ୍ତୁ ନିର୍ବାଚନ ଫଳାଫଳ ଆସିବାର ୧୫ଦିନ ବିତିଯାଇଥିଲେ ମଧ୍ୟ ନା କମିଟି ଗଠନ ହେଲା ନା ପରାଜୟର ସମୀକ୍ଷା ହେଲା । ପାଣ୍ଡିଆନ ଓ ଶ୍ରଦ୍ଧାଙ୍କ ଚାପରେ ନବୀନ ମଧ୍ୟ ଏହି ସମୀକ୍ଷା ପାଇଁ ଆଗ୍ରହ ଦେଖାଇଲେ ନାହିଁ ବୋଲି ଚର୍ଚ୍ଚା ହେଉଛି । ସମୀକ୍ଷା ହେଲେ ପାଣ୍ଡିଆନଙ୍କ ଏକଛତ୍ରବାଦୀ ନୀତି ଓ ରାଜନୀତିକ ମହତ୍ୱାକାଂକ୍ଷା ପାଇଁ ଦଳ ହାରିଲା ବୋଲି ନିଶ୍ଚିତ ସନ୍ଦେଶ ଆସିବ । ଦଳଠୁ ପ୍ରାୟ ୯ଲକ୍ଷ ଭୋଟର ମୁହଁ ଫେରାଇଛନ୍ତି ଓ ଦଳର ୬୧ଟି ସିଟ୍ ହ୍ରାସ ପାଇଛି । ଦଳ ଲଜ୍ଜାଜନକ ଢଙ୍ଗରେ ଲୋକସଭାରେ ପୋଛି ହୋଇଯାଇଛି । ଏତେ ବିପର୍ଯ୍ୟୟ ସତ୍ତ୍ୱେ ସମୀକ୍ଷା କାହିଁକି ହେଉନି ସେନେଇ ଦଳୀୟ ନେତାମାନେ ଅସମ୍ଭବ ନିରବତା ଅବଲମ୍ବନ କରୁଛନ୍ତି ।୨- ବିଜେଡି କ୍ଷମତାରୁ ଯିବାପରେ ଜିଲ୍ଲା,ବ୍ଲକ ଓ ପଂଚାୟତସ୍ତରରେ ଦଳ କିଭଳି ନିଜର ସଂଗଠନକୁ ସୁଦୃ? କରିପାରିବ ତଥା କର୍ମୀମାନଙ୍କ ମନୋବଳ ଓ ଉତ୍ସାହ ବୃଦ୍ଧି କରିହେବ ସେ ନେଇ ଦଳର ବରିଷ୍ଠ ନେତାମାନେ ବାରମ୍ବାର ସଂଘବଦ୍ଧ ହୋଇ ନବୀନଙ୍କୁ ଭେଟିଛନ୍ତି । ଆଉ ଦଳୀୟ ନେତାମାନଙ୍କ କଥା ଶୁଣିବା ପରିବର୍ତ୍ତ? ଯାହା କହିବାର ଅଛି ଲିଖିତ ଭାବେ ଦେବାକୁ ପରାମର୍ଶ ଦେଉଛନ୍ତି । ଆଉ ନେତାମାନେ ଦେଉଥିବା ସେହି କାଗଜଲେଖାକୁ ପାଣ୍ଡିଆନଙ୍କ ନିକଟକୁ ପଠାଇ ଦେଉଛନ୍ତି ବୋଲି ଚର୍ଚ୍ଚା ହେଉଛି ।୩- ନବୀନଙ୍କ ନିରବତା ଓ ଏକାନ୍ତବାସର ଫାଇଦା ଉଠାଇ ପାଣ୍ଡିଆନ ନିଜର ହାତଗଣତି ତୋଷାମଦକାରୀ ଟିମ୍ ମେମ୍ବରଙ୍କୁ ଧରି ନିର୍ବାଚନ ପରିଚାଳନା କଲେ । ଆଉ ବିଜେଡିକୁ ଅପ୍ରତ୍ୟାଶିତ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡିଲା ତଥା ଦଳର ୨୪ବର୍ଷର ଶାସନର ଅନ୍ତ ଘଟିଲା । ଏହାସତ୍ତ୍ୱେ ନବୀନ ଗଣମାଧ୍ୟମ ଆଗକୁ ଆସି ପାଣ୍ଡିଆନଙ୍କ ପ୍ରଂଶସା କଲେ । ଦଳର ବିପର୍ଯ୍ୟୟ ପାଇଁ ସମସ୍ତେ ପାଣ୍ଡିଆନଙ୍କୁ ଦାୟୀ କରୁଥିବାବେଳେ ନିର୍ବାଚନ ଫଳାଫଳର ମାତ୍ର ୪ଦିନ ଭିତରେ ନବୀନ ତାଙ୍କୁ କ୍ଲିନଚିଟ୍ ଦେବା ହିଁ ତାଙ୍କର ବିବଶତାକୁ ପଦାରେ ପକାଇ ଦେଲା । ନବୀନଙ୍କ ଏଭଳି ଆଭିମୁଖ୍ୟ ତୃଣମୂଳସ୍ତରର କର୍ମୀଠୁ ଆରମ୍ଭ ରାଜ୍ୟସ୍ତରୀୟ ନେତାମାନଙ୍କୁ ନିରାଶ କଲା । ତା'ଛଡା ପାଣ୍ଡିଆନ ନିଜ ବାସଭବନ ଛାଡି ନବୀନ ନିବାସକୁ ନିଜ ସ୍ଥାୟୀ ଠିକଣା କରିବା ମଧ୍ୟ ଦଳୀୟ ନେତାମାନଙ୍କୁ ବିଜେଡି ମହଲରେ ସ୍ପଷ୍ଟ ସନ୍ଦେଶ ଦିଆଗଲା । ୪- ଆସନ୍ତାକାଲି ଅର୍ଥାତ୍ ୧୯ତାରିଖରେ ବିଜେଡି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ । ନବୀନ ପଟ୍ଟନାୟକଙ୍କୁ ବିଧାୟକ ଦଳ ନେତା ଭାବେ ଦଳର ବିଧାୟକମାନେ ଚୟନ କରିବେ । ନବୀନ ପ୍ରଥମଥର ପାଇଁ ବିରୋଧୀ ଦଳ ନେତା ଭୂମିକା ତୁଲାଇବେ । ତେବେ ନବୀନଙ୍କୁ ବିରୋଧୀ ଦଳ ନେତା କରିବା ଆଳରେ ପାଣ୍ଡିଆନ ପୁଣିଥରେ ସକ୍ରିୟ ଭୂମିକା ନେଇ ବିଜେଡି ସଂଗଠନ ସମ୍ପାଦକ ତଥା ପାଣ୍ଡିଆନଙ୍କ 'କ୍ରୀତଦାସ' ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ମାଧ୍ୟମରେ ଗୋଟି ଚଳାଇବା ଆରମ୍ଭ କରିଥିବା ଜଣାପଡିଛି । ବିରୋଧୀ ଦଳ ଉପନେତା ଭାବେ ପ୍ରସନ୍ନ ଆଚାର୍ଯ୍ୟ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଓ ଉପମୁଖ୍ୟ ସଚେତକ ଭାବେ ପ୍ରତାପ କେଶରୀ ଦେବଙ୍କୁ ଚୟନ କରାଯିବାକୁ ପାଣ୍ଡିଆନ ଜାରି କରିଥିବା ଫତୱାକୁ କାର୍ଯ୍ୟକାରୀ କରିବା ପାଇଁ ବବି ପୁଣିଥରେ ଫୁଲ ଦମରେ ଲାଗି ପଡିଛନ୍ତି । ଏହା ମାଧ୍ୟମରେ ବିଜେଡି ପୁଣିଥରେ ସେହି କୋଟୋରୀ ପାଖରେ ରହିଛି ବୋଲି ଦଳୀୟ ମହଲରେ ସନ୍ଦେଶ ଦେବାକୁ ପ୍ରୟାସ ହେଉଛି ।୫- ବିଜେଡି ମାତ୍ର ୨ବର୍ଷ ତଳେ ରାଜ୍ୟର ୮୦ ପ୍ରତିଶତ ପଂଚାୟତ ସମିତି ଓ ଶତ ପ୍ରତିଶତ ଜିଲ୍ଲା ପରିଷଦକୁ ଦଖଲ କରିଥିଲା । ପୌର ନିର୍ବାଚନରେ ମଧ୍ୟ ଦଳକୁ ଆଖିଦୃଶିଆ ସଫଳତା ମିଳିଥିଲା । ତେବେ ଚଳିତ ସାଧାରଣ ନିର୍ବାଚନରେ ଦଳର ବିପର୍ଯ୍ୟୟ ପରେ ସମସ୍ତେ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛନ୍ତି । ରାଜ୍ୟରେ ବିଜେପି ସରକାର ଆଜିଠୁ ନିଜର କାର୍ଯ୍ୟକ୍ରମ ଜୋରଦାର କଲାନି । କିନ୍ତୁ ବିଜେଡିର ଜିଲ୍ଲା,ବ୍ଲକ ଓ ପଂଚାୟତସ୍ତରର କର୍ମୀ ଓ ନେତାମାନଙ୍କ ମନୋବଳ ବୃଦ୍ଧି ପାଇଁ ଦଳର ସୁପ୍ରିମୋ କିମ୍ବା ନେତୃତ୍ୱ କିଛି ପଦକ୍ଷେପ ନେଉନାହାନ୍ତି । ଏପରିକି ସେମାନେ କିଭଳି ପୁଣିଥରେ ଅଧିକ ଜୋସରେ ସଂଗଠନ ପାଇଁ କାର୍ଯ୍ୟ କରିବେ ସେଦିଗରେ ମଧ୍ୟ ପ୍ରୟାସ ହେଉନି । ଏପରିକି ଦଳର ଯେଉଁ ବିଧାୟକମାନେ ଜିତିଛନ୍ତି ସେମାନେ ନବୀନ ପଟ୍ଟନାୟକଙ୍କ ଏଭଳି ମତିଗତି ଦେଖି ଏବେଠୁ ବିଜେପିକୁ ଡେଇଁବା ପାଇଁ ବିକଳ୍ପ ଖୋଲା ରଖିଥିବା ଜଣାପଡିଛି । ବିଜେଡି ପାଖରେ ଏକ ହଜାର କୋଟି ଟଙ୍କାରୁ ଅଧିକ ପାଣ୍ଠି ଥିଲେ ମଧ୍ୟ ଦଳ ସାଂଗଠନିକ କାର୍ଯ୍ୟକ୍ରମ ପାଇଁ ଟଙ୍କାଟିଏ ବାହାର ନକରିବା ବି ଶ୍ରଦ୍ଧା- ପାଣ୍ଡିଆନ ଏବଂ ବବିଙ୍କ ଅସାଧୁ ମେଂଟ ତଥା ଭୂମିକାକୁ ପଦାରେ ପକାଇ ଦେଇଛି ବୋଲି ବିଜେଡି ମହଲରେ ଚର୍ଚ୍ଚା ହେଉଛି ।ବିଜେଡିର ଆତ୍ମଘୋଷିତ ସର୍ବ?ସର୍ବା ଭିକେ ପାଣ୍ଡିଆନଙ୍କ ଏକଛତ୍ରବାଦୀ ନୀତି ଓ ରାଜନୀତିକ ମହତ୍ୱାକାଂକ୍ଷା, ତାଙ୍କ ଟିମ୍ ସଦସ୍ୟ(ବବି, ଡିଏସ କୁଟ୍ଟେ, ମାନସ ମଙ୍ଗରାଜ, ଆଶୀଷ ସିଂ) ଙ୍କର ଅହଙ୍କାର ଓ ଦୁର୍ବ୍ୟବହାର, ଶ୍ରଦ୍ଧାଙ୍କ ମାଧ୍ୟମରେ ନବୀନଙ୍କୁ କରାୟତ,କେତେକ ସ୍ଥାନରେ ବିଜେଡି ପ୍ରାର୍ଥୀଙ୍କୁ ହରାଇବାକୁ ଏହି ଟିମ୍ ବିପୁଳ ଅର୍ଥ ଖର୍ଚ୍ଚ କରିବା ଆଦିର ପରିଣତି ଦଳକୁ ଭୋଗିବାକୁ ପଡିଛି । ଏସବୁରୁ ଶିକ୍ଷା ନେଇ ଦଳକୁ ସୁଧାରିବା ପରିବର୍ତ୍ତ? ପୁଣିଥରେ ସେହି ପାଣ୍ଡିଆନ ଓ ବବିଙ୍କ ହାତରେ ଦଳକୁ ଟେକି ଦିଆଯାଇଥିବାରୁ ବିଜେଡି ନିଶ୍ଚିତ ପତନ ଓ ବିଭାଜନ ଆଡ? ଅଗ୍ରସର ହେଉଥିବା ରାଜନୀତିକ ମହଲରେ ଆକଳନ କରାଯାଉଛି ।ଏହି ସବୁ କାରଣ ପାଇଁ ପ୍ରାୟ କୋଟିଏ ସକ୍ରିୟ କର୍ମୀ ଓ ହଜାର ହଜାର ସଂଖ୍ୟକ ଆଗଧାଡିର ନେତାମାନଙ୍କ କଠିନ ପରିଶ୍ରମ ଯୋଗୁ ରାଜ୍ୟରେ ମହାଦ୍ରୁମ ପାଲଟିଥିବା ବିଜେଡି ଯେକୌଣସି ମୁହୂର୍ତ୍ତରେ ଭୁଶୁଡି ପଡିବାର ଆଶଙ୍କା ସୃଷ୍ଟି ହୋଇଛି ।

## ମୋହନ ସରକାରଙ୍କ ମନ୍ତ୍ରୀମାନଙ୍କୁ ମିଳିଲା ଚାମ୍ବର: ଦ୍ୱିତୀୟ ମହଲାରେ ବସିବେ ୬ ମନ୍ତ୍ରୀ




ଭୁବନେଶ୍ୱର,୧୮ ।୬(ପି.ଏନ):ରାଜ୍ୟରେ ପ୍ରଥମ ବିଜେପି ସରକାରର ମନ୍ତ୍ରୀମାନଙ୍କୁ ଆଜି ଲୋକସେବା ଭବନରେ(ସଚିବାଳୟ) ରୁମ୍ ଆବଂଟିତ ହୋଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରରେ ସାମିଲ ମୋଟ ୧୫ଜଣ ମନ୍ତ୍ରୀଙ୍କୁ ଆଜି ଲୋକସେବା ଭବନର ମନ୍ତ୍ରୀ କରିଡରର ପ୍ରଥମ ଓ ଦ୍ୱିତୀୟ ମହଲାରେ ଅଫିସ୍ ଚାମ୍ବର ମିଳିଛି । ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ନିଜେ ବସିବେ ଓ ଦ୍ୱିତୀୟ ମହଲାରେ ୬ଜଣ ମନ୍ତ୍ରୀଙ୍କ ଚାମ୍ବର(ଅଫିସ) ରହିବ ବୋଲି ଜଣାପଡିଛି ।ଆଜି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲାର ମନ୍ତ୍ରୀ କରିଡରରେ ରୁମ୍ ନମ୍ବର ୨୩ ଓ ୨୪ ଆବଂଟିତ ହୋଇଛି । ସେହିପରି ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ଦ୍ୱିତୀୟ ମହଲାରେ ରୁମ୍ ନମ୍ବର ୨ ଓ ୩, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଦ୍ୱିତୀୟ ମହଲାର ରୁମ୍ ନମ୍ବର ୪ ଓ ୫ , ପୂର୍ବ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଦ୍ୱିତୀୟ ମହଲାର ରୁମ ନମ୍ବର ୧୦ ଓ ୧୧, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ରୁମ୍ ନମ୍ବର ୧୯ ଓ ୨୦, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ରୁମ୍ ନମ୍ବର ୨୧ ଓ ୨୨ ଆବଂଟିତ ହୋଇଛି ।

## ଲାଜ ନାହିଁ ! ଲାଞ୍ଚ ନେଇ ପୁଣି ଥରେ ଧରାପଡିଲେ ଆରଆଇ



ଭୁବନେଶ୍ୱର,୧୮ ।୬(ପି.ଏନ): ଦୁଇ ବର୍ଷ ତଳେ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଭିଜିଲାନ୍ସ କୋର୍ଟରେ ସେହି ମାମଲା ବିଚାରାଧୀନ ଥିବା ବେଳେ ଆଜି ପୁଣି ଥରେ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଏହି ସରକାରୀ କର୍ମଚାରୀଙ୍କ ନାଁ ମନୋଜ କୁମାର ମହାନନ୍ଦ। ସେ ଜଣେ ରାଜସ୍ୱ ନିରୀକ୍ଷକ (ଆରଆଇ)।ସମ୍ବଲପୁର ଜିଲ୍ଲା ନାକଟିଦେଉଳ ତହସିଲର ଡଉଁଚାରେ ନିଯୁକ୍ତ ମନୋଜ କୁମାର ମହାନନ୍ଦ ଆଜି ଜଣେ ବ୍ୟକ୍ତିଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀଙ୍କ ହାତରେ ଧରାପଡିଥିଲେ।

## ଚାଷୀଙ୍କ ଖାତାକୁ ୨୦ ହଜାର କୋଟି ପଠାଇଲେ ମୋଦି



ଭୁବନେଶ୍ୱର,୧୮ ।୬(ପି.ଏନ):ଚାଷୀଙ୍କ ଖାତାକୁ ଆଜି ସିଧାସଳଖ ୨୦ ହଜାର କୋଟି ଟଙ୍କା ପଠାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ଏହି ଟଙ୍କା ଆଜି ମୋଦି ରିଲିଜ କରିଛନ୍ତି।ଦେଶର ୯.୨୬ କୋଟି ଚାଷୀଙ୍କ ଖାତାକୁ ଆଜି ଟଙ୍କା ପଠା ଯାଇଛି। ଏହା ଯୋଜନାର ୧୭ତମ ଇନଷ୍ଟଲମେଣ୍ଟ। ଚାଷୀଙ୍କୁ ଆର୍ଥିକ ସହାୟତା ପାଇଁ କେନ୍ଦ୍ର ସରକାର ବାର୍ଷିକ ୬ ହଜାର ଟଙ୍କା ଲେଖାଏ ଦେଉଛନ୍ତି। ଏହିକ୍ରମରେ ଆଜି ୯.୨୬ କୋଟି ଚାଷୀଙ୍କ ଖାତାକୁ ୨ ହଜାର ଟଙ୍କା ଲେଖାଏ ଯାଇଛି ।ଉତ୍ତର ପ୍ରଦେଶର ବାରାଣସୀରେ ଆଜି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦି ଯୋଗ ଦେଇ ଟଙ୍କା ରିଲିଜ କରିଛନ୍ତି। ଲୋକସଭା ନିର୍ବାଚନ ଜିତିବା ପରେ ମୋଦି ପ୍ରଥମଥର ପାଇଁ ତାଙ୍କ ଲୋକସଭା ନିର୍ବାଚନ ମଣ୍ଡଳୀ ବାରାଣସୀ ଗସ୍ତରେ ଯାଇଥିଲେ।

## ଇତିହାସରେ ବିରଳ ହେବ ଏବର୍ଷର ରଥଯାତ୍ରା



ଭୁବନେଶ୍ୱର,୧୮ ।୬(ପି.ଏନ): ଇତିହାସରେ ବିରଳ ହେବ ଏବର୍ଷର ରଥଯାତ୍ରା। କାରଣ ଗୋଟିଏ ଦିନରେ ପଡୁଛି ମହାପ୍ରଭୁଙ୍କର ତିନି ତିନିଟି ବଡ ନୀତି। ଅର୍ଥାତ୍ ଜୁଲାଇ ୭ ତାରିଖରେ ପଡୁଛି ଶ୍ରୀଜୀଉଙ୍କ ନବଯୌବନ ଦର୍ଶନ, ନେତ୍ରୋତ୍ସବ ଓ ରଥଯାତ୍ରା। ତା'ହେଲେ ଗୋଟିଏ ଦିନରେ କେମିତି ସଂପାଦିତ ହେବ ତିନି ତିନିଟି ବଡ ନୀତିକାନ୍ତି ନବଯୌବନ ବେଶରେ ମହାପ୍ରଭୁଙ୍କୁ ଦର୍ଶନ କରିହେବ ନା ନାହିଁ? କେତେବେଳେ ଟଣା ହେବେ ତିନି ରଥ ତିନି ରଥ ସେ ଦିନ ଗୁଣ୍ଡିଚା ମନ୍ଦିରରେ ଲାଗିବ ନା ତା' ପରଦିନ ପୁଣି ଟଣାଯିବ? ଏସବୁ ପ୍ରଶ୍ନକୁ ନେଇ ଭକ୍ତ, ସେବାୟତ ଓ ଶ୍ରୀମନ୍ଦିର ପ୍ରଶାସନଙ୍କ ମନରେ ଉପୁଜିଛି ସନ୍ଦେହ। ତା'ସହ ପୂର୍ବରୁ କେବେ ଏଭଳି ବିରଳ ସଂଯୋଗ ପଡିଥିଲା କି ନାହିଁ ତା'ର ମଧ୍ୟ ତର୍ଜମା ଚାଲିଛି ।ଶ୍ରୀମନ୍ଦିର ଇତିହାସ କହେ, ୧୧୫ ବର୍ଷ ତଳେ ଅର୍ଥାତ୍ ୧୯୦୯ ମସିହାରେ ରଥଯାତ୍ରା ଦିନ ସମାନ ଯୋଗ ପଡିଥିଲା। ଜୁନ୍ ୧୮ ତାରିଖରେ ରଥଯାତ୍ରା ଦିନ ସୂର୍ଯ୍ୟୋପରାଗ ପଡିଥିବାରୁ ଗ୍ରହଣ ନୀତି ସରିବା ପରେ ତା' ପରଦିନ ଅର୍ଥାତ୍ ଜୁନ୍ ୧୯ ତାରିଖରେ ନବଯୌବନ ଦର୍ଶନ, ନେତ୍ରୋତ୍ସବ ଓ ରଥଯାତ୍ରା ନୀତି ସମ୍ପନ୍ନ ହୋଇଥିଲା। ସେହିଭଳି ୧୯୭୧ ମସିହାରେ ମଧ୍ୟ ରଥଯାତ୍ରା ଦିନ ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ ପଡିଥିଲା। ଏମିତିକି ସେ ବର୍ଷ ରଥଖଳାରୁ ତିନି ରଥ ସିଂହଦ୍ୱାରକୁ ଆଣିବା ପାଇଁ ପଟିଦିଅଁଙ୍କଠୁ ରଥ ଆଜ୍ଞାମାଳ ଓ ଧ୍ୱଜା ଆଜ୍ଞାମାଳ ବି ଆସିଥିବାର ତଥ୍ୟ ରହିଛି। ଏମିତିକି ଘୋଷଯାତ୍ରା ନୀତି ବିଳମ୍ବ ହେବାରୁ ସେଦିନ ଅପରାହ୍ନ ସାଢ଼େ ୨ଟାରେ ଶ୍ରୀଜିଉମାନଙ୍କୁ ପହଣ୍ଡି କରାଯାଇଥିଲା ଓ ସନ୍ଧ୍ୟା ପ୍ରାୟ ସା?? ୭ଟା ବେଳକୁ ରଥଟଣା ହୋଇଥିଲା। ଯେହେତୁ ଏବର୍ଷ ପୁଣି ସେଭଳି ବିରଳ ସଂଯୋଗ ପଡୁଛି, ତେଣୁ ସେ ନେଇ କିଭଳି ନୀତିକାନ୍ତି ହେବ? ଏବର୍ଷ ବି ପଟିଦିଅଁଙ୍କଠୁ ଆଜ୍ଞାମାଳ ରଥ ଖଳାକୁ ଯିବ କି? ଯଦି ସକାଳ ଧୂପ ପରେ ରଥ ଆଜ୍ଞାମାଳ ଯିବ, ତାହାରେ ଧ୍ୱଜା ଆଜ୍ଞାମାଳ କେତେବେଳେ ଯିବ ଏସବୁ ମାଳ ମାଳ ପ୍ରଶ୍ନ ଭିତରେ ଶାସ୍ତ୍ର ବିଧି ଓ ଇତିହାସକୁ ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ସେବାୟତ।

## ଖରା ହେଲେ ମଲୁ, ବର୍ଷା ହେଲେ ବି ମଲୁ, କେମିତି ବଞ୍ଚିବେ ରାଜଧାନୀ ବାସୀ ?



ଭୁବନେଶ୍ୱର,୧୮ ।୬(ପି.ଏନ): ଅସହ୍ୟ ତାତିରୁ ଏବେ ମୁକ୍ତି ପାଇଛନ୍ତି ଓଡିଶାବାସୀ । ମୌସୁମୀର ଆଗମନରେ ସୂର୍ଯ୍ୟଙ୍କ ତାପରୁ ବାହାରି ବର୍ଷାର ଶୀତଳ ଛୁଆଁ ପାଇଛି ଏହି ଓଡିଶା ମାଟି । ବିଶେଷ କରି ଭୁବନେଶ୍ୱରରେ ବଢୁଥିବା ତାପମାତ୍ରାରେ ବ୍ରେକ ଲଗାଇଛି ଦୁଇ ଦିନର ବର୍ଷା । ଅସରାଏ ବର୍ଷାରେ ସାରା ସହରର ତାତି ଏକଦମ ଗାଏବ ହୋଇଯାଇଛି । କିନ୍ତୁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଛି ଆଉ ଏକ ସମସ୍ୟା । ଅସରାଏ ବର୍ଷାରେ ରାଜଧାନୀର ଅନେକ ସ୍ଥାନରେ ଜଳାର୍ଣ୍ଣବ ହୋଇଛି । ଛକ ଛକରେ ପାଣିର ସୁଅ ଚାଲିଛି । ଭୁବନେଶ୍ୱରର କିଛି ପ୍ରମୁଖ ସ୍ଥାନରେ ବର୍ଷା ଯୋଗୁଁ କୃତ୍ରିମ ବନ୍ୟା ଦେଖିବାକୁ ମିଳିଛି । ତେଣୁ କିଛି ଘଣ୍ଟା ତଳେ ଅସରାଏ ବର୍ଷା ଖୋଜୁଥିବା ଭୁବନେଶ୍ୱର ସେହି ଅସରାଏ ବର୍ଷାରେ ହିଁ ବୁଡିଯାଇଛି । ଭୁବନେଶ୍ୱରବାସୀଙ୍କୁ କନ୍ଦାଇ ଦେଇଛି ଖରା-ବର୍ଷାର ଏହି ଲୁଚକାଳି ଖେଳ । ଲୋକଙ୍କ ପରିସ୍ଥିତି ଯେମିତି 'ଏପାଖେ କୁଅ, ସେ ପାଖେ ଖାଇ' ଆଉ ମଝିରେ ଭୁବନେଶ୍ୱର ।ଅନେକ ଦିନରୁ ଅସହ୍ୟ ତାତିର ନିର୍ଯାତନା ସହୁଥିବା ଭୁବନେଶ୍ୱର ଟିକିଏ ବର୍ଷା ପାଇଁ ଆଉଟୁପାଉଟୁ ହେଉଥିଲା । ଆଜି ମୌସୁମୀ ଝମାଝମ୍ ବର୍ଷା ସହ ସାରା ସହରରେ ଖୁସି ବାଣ୍ଟି ଦେଇଛି । କିନ୍ତୁ ରାଜଧାନୀବାସୀଙ୍କ ଏହି ଖୁସି ବାସ୍ କେଇ ମୁହୂର୍ତ୍ତ ପାଇଁ ରହିଥିଲା । କାରଣ ଏହି ଅସରାଏ ବର୍ଷା ବନ୍ଦ ହେବା ପୂର୍ବରୁ ବୁଡି ସାରିଥିଲା ସମ୍ପୂର୍ଣ୍ଣ ସହର । ଭୁବନେଶ୍ୱରର ଗଳି-କନ୍ଦି, ଛକ-ବଜାର ଇତ୍ୟାଦିରେ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ସହରର ପ୍ରମୁଖ ଛକ ଯଥା:- ଇସ୍କନ୍ ମନ୍ଦିର, ରସୁଲଗଡ, ବମିଖାଲ ଏବଂ ଅନ୍ୟାନ୍ୟ ସ୍ଥାନରେ ରାସ୍ତାଘାଟ ବର୍ଷାଁ ପାଣି ବୁଡି ରହିଛି । ୧ ଘଣ୍ଟାର ଲଗାଣ ବର୍ଷା ଭୁବନେଶ୍ୱରର ଏହି କିଛି ପ୍ରମୁଖ ଛକରେ ବନ୍ୟାସଦୃଶ ସ୍ଥିତି ସୃଷ୍ଟି କରିଛି । ଅନେକ ସ୍ଥାନରେ ଯାତାୟତ ମଧ୍ୟ ବାଧାପ୍ରାପ୍ତ ହୋଇଛି ।ତେବେ ଅସରାଏ ବର୍ଷାରେ ଭୁବନେଶ୍ୱରର ଏଭଳି ପରିସ୍ଥିତି ଲୋକହସାର କାରଣ ପାଲଟିଛି । କାରଣ ଖରାରୁ ମୁକ୍ତି ପାଇବା ପାଇଁ ବର୍ଷାର ସାହାରା ଖୋଜୁଥିବା ବେଳେ ଭୁବନେଶ୍ୱର ବାସୀଙ୍କ ପାଇଁ ଏ ବର୍ଷା ବି ଗୋଟିଏ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରୁଛି । ତେଣୁ ଭୁବନେଶ୍ୱରର ବାସିନ୍ଦା ଏବେ ପ୍ରକୃତିର ପରିବର୍ତ୍ତନ ମଧ୍ୟରେ ଫସି ରହିଛି । ତେବେ ଏହି ପରିସ୍ଥିତିକୁ ନେଇ ଏବେ ଚର୍ଚ୍ଚା ମଧ୍ୟ ଜୋର ଧରିଛି । ବିଜେଡି ସରକାରରେ ଏହି ସମସ୍ୟାର ସମାଧାନ ହୋଇପାରି ନଥିବା ବେଳେ ଏବେ ନୂଆ ସରକାରରେ ଏହି ସମସ୍ୟାରୁ ମୁକୁଳିବ କି ଭୁବନେଶ୍ୱର? ଅସରାଏ ବର୍ଷା ପାଣିରେ ବୁଡି ଯାଉଥିବା ସ୍ମାର୍ଟ ସିଟି ଭୁବନେଶ୍ୱରକୁ ଲୋକହସା ହେବାରୁ ରକ୍ଷା କରିପାରିବ କି ଓଡିଶାର 'ଡବଲ ଇଞ୍ଜିନ' ସରକାର?

## ଅନ୍ଧାର ହୋଇଗଲା ରାଜଧାନୀ; ପ୍ରବଳ ଘଡଘଡି, ବିଜୁଳି, ପବନ ସାଙ୍ଗକୁ ବର୍ଷା

ଭୁବନେଶ୍ୱର : ଭିଷଣ ଖରା ପରେ ଆଜି ବଦଳିଛି ପାଗ । ରାଜଧାନୀରେ ଘଡଘଡି ବିଜୁଳି ସାଙ୍ଗକୁ ବର୍ଷା ପବନ ହେଉଛି । ବର୍ଷା ଯୋଗୁଁ ୨୪ ଘଣ୍ଟା ପାଇଁ ୨୩ ଜିଲ୍ଲାକୁ ଆଲର୍ଟ ଜାରି କରି ଦିଆଯାଇଛି । ପାଣିପାଗର ପୂର୍ବାନୁମାନରୁ କୁହାଯାଇଥିଲା ରାଜଧାନୀ ଭୁବନେଶ୍ୱରରେ ମୌସୁମୀର ପ୍ରଭାବ ଦେଖିବାକୁ ମିଳିବ, ଏଥିପାଇଁ ଆଜି ପାଗ ଅନୁକୂଳ ରହିଛି ।ସୂଚନା ଅନୁଯାୟୀ, ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜାରି ରହିଛି ମୌସୁମୀ ବର୍ଷା । ବର୍ଷାର ପରିମାଣ,ପବନର ଦିଗ ଓ ତାପମାତ୍ରାରେ ହ୍ରାସ ମୌସୁମୀର ଓଡିଶା ପ୍ରବେଶର ସମ୍ଭାବନା ବୃଦ୍ଧି କରାଇଛି । ଦକ୍ଷିଣ ଓଡିଶାର ଅଧିକାଂଶ ଅଞ୍ଚଳରେ ମୌସୁମୀ ବର୍ଷା ସାଙ୍ଗକୁ ପାଗ ମେଘୁଆ ରହିଛି । ଆଜି ଓଡିଶାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବ । ଆଜିଠାରୁ ବର୍ଷାର ବିସ୍ତୃତି ବଢିବା ସହ ପରିମାଣ ମଧ୍ୟ ବଢିବ । ଆଗାମୀ ଦିନ ଠାରୁ ବର୍ଷାର ପରିମାଣ ବଢିବ । ଅଧିକାଂଶ ଅଞ୍ଚଳରେ ପ୍ରଚୁର ପରିମାଣରେ ବର୍ଷା ହେବ । ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ଖୋର୍ଦ୍ଧା, ଗଞ୍ଜାମ ଜିଲ୍ଲାର କିଛି ସ୍ଥାନରେ ବର୍ଷା ହୋଇଛି । ଏହାକୁ ଦୃଷ୍ଟିରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ସୁନ୍ଦରଗଡ଼, ବଲାଙ୍ଗୀର,








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଲକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ “ସାକ୍ଷୀଗୋପାଳନାଟକ ସଂଘ” ଓ ୧୯୩୯ରେ “ଓଡିଶା ଥିଏଟର୍ସ” ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର ‘ଭରତ ମୁନି’ ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଟର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା’ ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା’ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା’ ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା’ ତିଆରି ସମୟରେ ଭୁଲ ବଶତଃ ଚା’ ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା’ ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା’ ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ଶିଶୁ ଶ୍ରମିକ: ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ !

୧୯୮୬ ନଭେମ୍ବର ୨୦ ତାରିଖରେ ଜାତିସଂଘର ସାଧାରଣ ବୈଠକରେ ଶିଶୁଙ୍କର ୪ଟି ଅଧିକାର ସଂକ୍ରାନ୍ତରେ ବିଶଦ ଭାବରେ ଆଲୋଚନା କରାଯାଇଥିଲା। ଏହାର ପ୍ରଥମ ଧାରାରେ କୁହଯାଇଛିଯେ ୧୮ବର୍ଷରୁ କମ୍ ବୟସ୍କ ବ୍ୟକ୍ତିହିଁ ଶିଶୁ। ଶିଶୁର ଅଧିକାରରେ ରହିଛି : (୧) ବଂଚିବାର ଅଧିକାର, (୨) ସୁରକ୍ଷା ବା ନିରାପତ୍ତାର ଅଧିକାର (୩) ସୁଶିକ୍ଷା ଅଧିକାର, (୪) ନିଜର ମତବ୍ୟକ୍ତ କରିବାର ଅଧିକାର। ଏହା ଫଳରେ ଶିଶୁଟି ସମସ୍ତ ଶୋଷଣ, ଯନ୍ତ୍ରଣା, ଭର୍ତ୍ସନା, ତା'ପ୍ରତି ଅସଦ୍‌ବ୍ୟବହାର ଇତ୍ୟାଦିରୁ ମୁକ୍ତି ପାଇପାରିବ। ଅନ୍ୟପକ୍ଷରେ ଏକ ନିଶ୍ଚିନ୍ତ ଓ ନିଶ୍ଚିତ ନିରାପତ୍ତା ଜୀବନଯାପନ ସହିତ ସୁସ୍ଥ ଏବଂ ସବଳ ଜୀବନ ସହିତ ସୁଶିକ୍ଷା ପାଇପାରିବ।

ଶିଶୁର ଏହି ଅଧିକାରକୁ ଆହୁରି ସୁଗମ, ସ୍ୱଚ୍ଛଳ ଓ ପିଛିଳ ପାଇଁ ଆମ ସରକାର ୨୦୧୦ ମସିହା ଏପ୍ରିଲ ୧ଠାରୁ ୬ରୁ ୧୪ବର୍ଷ ଯାଏଁ ଶିଶୁମାନଙ୍କୁ ବାଧ୍ୟତାମୂଳକ ଶିକ୍ଷାର ବ୍ୟବସ୍ଥା କରିଛନ୍ତି। ଫଳରେ ସେମାନେ ବିଦ୍ୟାଳୟ ଯିବେ। ଶିଶୁ ଶ୍ରମିକ ପ୍ରଥାରୁ ମୁକ୍ତି ପାଇବେ। ଏଥିପାଇଁ ସର୍ବଶିକ୍ଷା ଅଭିଯାନ ଆମ ଦୁଆର ଉଭା ହୋଇଛି।

'ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ' ହେଉଛି ସର୍ବଶିକ୍ଷା ଅଭିଯାନର ମୁଖ୍ୟ ଲକ୍ଷ୍ୟ। ଏହାରମାନେ ଏହି ଯେ ୬-୧୪ବର୍ଷ ଶିଶୁମାନେ ନିଶ୍ଚିତ ଭାବେ ବିଦ୍ୟାଳୟକୁ ଯିବେ; ସେଠି ମାଗଣାରେ ୧୪ବର୍ଷ ଯାଏଁ ପଢ଼ିବେ ଏବଂ ସ୍ୱାସ୍ଥ୍ୟକର ପରିବେଶର ନିରୋଗଭାବେ ବଢ଼ିବେ। ଅର୍ଥାତ୍ ପୂର୍ବପରି ଏମାନେ ଶିଶୁଶ୍ରମିକ ଭାବେ ଖଟିବେ



ନାହିଁ। ମୋଟ ଉପରେ ଶିଶୁ ଶ୍ରମିକ ପ୍ରଥା ସଂପୂର୍ଣ୍ଣ ଉଚ୍ଛେଦହେବ। ଉତ୍ତମ ନାଗରିକ ଭାବେ ନିଜକୁ ଗଢ଼ିବାକୁ ହେଲେ ପ୍ରଥମେ ନିଜକୁ ଶିକ୍ଷିତ କରାଇବାକୁ ହେବ। ଏମାନଙ୍କୁ ୬-୧୪ର୍ଷ ମଧ୍ୟରେ ଶ୍ରମ ବା ଅର୍ଥନୈତିକ ସମସ୍ୟା ସହିତ ଜଡ଼ିତ ରଖାଯିବ ନାହିଁ।

ଶିଶୁମାନଙ୍କୁ ଶ୍ରମ ମୁକ୍ତ ରଖିବାପାଇଁ ଶିଶୁ ଶ୍ରମିକ ଆଇନ ରହିଛି। ୧୯୮୬ ଶିଶୁ ଶ୍ରମିକ ଆଇନ ଅନୁସାରେ ୧୩ଟି ବିପଜ୍ଜନକ ସଂସ୍ଥା ଓ ୫୭ଟି ବିପଦପୂର୍ଣ୍ଣ ସଂସ୍ଥାରେ ୧୪ବର୍ଷରୁ କମ୍ ବୟସର ପିଲାଙ୍କୁ ନିଯୁକ୍ତି ନିଷେଧ କରାଯାଇଛି। ଏମାନଙ୍କ ଭିତରେ ଅଛି ଅଟୋ ମୋବାଇଲ ୱ୍ୟାର୍କସପ୍, ଗ୍ୟାରେଜ, ଫାଉଣ୍ଡ୍ରି, ବିସ୍ଫୋରକ ସାମଗ୍ରୀ ପ୍ରସ୍ତୁତି, ତନ୍ତଶିଳ୍ପ, ଖଣି ଖାଦାନ, ପ୍ଲାଷ୍ଟିକ ବା ଫାଇବର କାରଖାନା ଇତ୍ୟାଦି। ଅନ୍ୟାନ୍ୟ ପ୍ରକ୍ରିୟା ଭିତରେ ଅଛି ବିଡ଼ି ବା ଅଗରବତୀ ତିଆରି, ଗାଲିଚା ବୁଣିବା, ମଣି କାଟିବା,



ପଲିସି , ତାଲା ତିଆରି, ଚୁଡ଼ି ପ୍ରସ୍ତୁତି ଓ ଜରି ତିଆରି ଇତ୍ୟାଦି ଅନ୍ତର୍ଭୁକ୍ତ। ଏବେ ସମସ୍ତଙ୍କ ପାଇଁ ଶିକ୍ଷାଯୋଜନାରେ ପ୍ରବର୍ତ୍ତିତ ସର୍ବଶିକ୍ଷା ଅଭିଯାନ ଶିଶୁମାନଙ୍କର ସାକ୍ଷରତା ହାର ବୃଦ୍ଧି କରିବାରେ ସହାୟକ ହେଉଛି। ଶିଶୁ ଶ୍ରମିକଙ୍କ ହାର ହ୍ରାସ କରିବାରେ ବିଦ୍ୟାଳୟ ମାନଙ୍କରେ ମାଗଣା ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ମାଗଣା ଶିକ୍ଷା ଓ ପୋଷାକ ତଥା ସାଇକେଲ ଇତ୍ୟାଦି ସହାୟତା ବେଶ ଉତ୍କଣ୍ଠା ସୃଷ୍ଟି କରିଛି। ଯେଉଁ କ୍ଷେତ୍ରରେ ଶିଶୁଟିଏ ଶିକ୍ଷା ବିନିମୟରେ ଶ୍ରମ କରି ଅର୍ଥ ଉପାର୍ଜନ କରୁଛି, ସେତ ଅଣ କୁଶଳୀ ହୋଇ ରହୁଛି, ଅପରନ୍ତୁ ବିପଜ୍ଜନକ ଓ ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜନ ହେତୁ ବେଳେବେଳେ ମୃତ୍ୟୁ ମୁଖରେ ପଡୁଛି ଅଥବା ଦୁର୍ଘଟଣା କାରଣରୁ ସବୁଦିନ ପାଇଁ ପଙ୍ଗୁ ଅଥବା ବିକଳାଙ୍ଗ ସାଜି ବେକାର ହୋଇ ଭିକାରୀ ଜୀବନ ଯାପନ କରୁଛି। ଏଥିରୁ ନିବୃତ୍ତି ରଖି ଶିଶୁମାନଙ୍କୁ ଉନ୍ନତ ଭାବରେ ଗଢ଼ିବାରେ ଏବେକାର ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ପୁଷ୍ଟିସାଧନ ଆଜି ସୁବିଧା ଓ ସୁଯୋଗମାନ ଯୋଗାଇ ଚାଲିଛନ୍ତି।

ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦପାଇଁ ବ୍ୟବସ୍ଥାମାନ ଏବେ ଗ୍ରହଣ କରାଯାଉଛି। ସେଥିପାଇଁ ଶିକ୍ଷା, ଷ୍ଟାଇପେଣ୍ଡ, ପ୍ରୋତ୍ସାହନ, ପ୍ରେରଣା, ସ୍ୱାସ୍ଥ୍ୟ ଓ ଧନ୍ଦାମୂଳକ କାର୍ଯ୍ୟକ୍ରମକୁ ହାତକୁ



ନିଆଯାଇଛି। ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ଅନୁଯାୟୀ ନିୟୋଜିତ ଶିଶୁମାନଙ୍କୁ ତାଙ୍କ କର୍ମସଂସ୍ଥାନରୁ ଫେରାଇଆଣି ସର୍ବଶିକ୍ଷା ଅଭିଯାନ ଅନ୍ତର୍ଭୁକ୍ତ କରାଯାଉଛି। ସେମାନଙ୍କ ଶାରୀରିକ ଯଥାର୍ଥ ବୃଦ୍ଧି ସାଧନ ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି। ବିଭିନ୍ନ ସ୍ଥାନରେ ଆବଶ୍ୟକତାକୁ ନେଇ ସ୍ୱତନ୍ତ୍ର ବିଦ୍ୟାଳୟ ମଧ୍ୟ ସ୍ଥାପନ ହେଉଛି। ଏହାସତ୍ତ୍ୱେ ଯଦି କୌଣସି ଶିଶୁ ନିୟୋଜନ ଥାଆନ୍ତି ସେଠି ପିତାମାତାଙ୍କୁ ପ୍ରବର୍ତ୍ତାଇବାକୁ ପଦକ୍ଷେପ ନିଆଯାଉଛି ଏବଂ ଶିଶୁଶ୍ରମିକ ନିୟୋଜନ କାରୀଙ୍କୁ ଉପଯୁକ୍ତ ଦଣ୍ଡବିଧାନ କରାଯାଉଛି। ସର୍ବଶିକ୍ଷା କାର୍ଯ୍ୟକ୍ରମ ଅନୁଯାୟୀ ଅଧୁନା ୬-୧୪ବର୍ଷ ଶିଶୁମାନଙ୍କୁ ବିଦ୍ୟାଳୟକୁ ଆଣି



ଶିକ୍ଷାଦେବାର ବ୍ୟବସ୍ଥା ତ୍ୱରାନ୍ୱିତ କରାଯାଉଛି।

ଏସବୁ ସତ୍ତ୍ୱେ ଭାରତରେ ଓଡ଼ିଶାରେ ଶିଶୁ ଶ୍ରମିକ ସଂଖ୍ୟା ସର୍ବାଧିକ। ୨୦୦୩ର ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ସେତେବେଳେ ଗଞ୍ଜାମରେ ଏହାଥିଲା ୬୫,୮୭୮ କେବଳ। ତା'ତଳକୁ ଥିଲା ମୟୁରଭଞ୍ଜ ୬୦,୪୨୪ ଶିଶୁଶ୍ରମିକ। ଏହି କ୍ରମରେ ଏବେବି ସୁନ୍ଦରଗଡ଼, କଟକ, ସମ୍ବଲପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଅନୁଗୁଳ... ଇତ୍ୟାଦି ଅଛନ୍ତି।

ଓଡ଼ିଶାରେ ଗ୍ରାମାଞ୍ଚଳରେ ଅଧିକାଂଶ ଶିଶୁ ଶ୍ରମିକ ଚାଷ କାର୍ଯ୍ୟ, ଘରୋଇ ସେବା, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରୁଥିବା ବେଳେ ସହରମାନଙ୍କରେ ହୋଟେଲ, ଗ୍ୟାରେଜ, ଜୋତା ପଲିସ୍, ଦରଜୀ ଦୋକାନ, କାଚ ଗୋଦାମ, ମାଛ ଗୋଦାମ, ତେଜରାତି



ଦୋକାନ ଏବଂ ଘରୋଇ ସେବାରେ ନିୟୋଜିତ ଅଛନ୍ତି। ଏତଦ୍‌ଭିନ୍ନ ବିଡ଼ି ତିଆରି, ଅଗରବତୀ ପ୍ରସ୍ତୁତି, କୋଇଲା ଓ ଲୁହାପଥର ସଂଗ୍ରହ, କବାଡ଼ି ଜିନିଷ ସଂଗ୍ରହ ଇତ୍ୟାଦିରେ ଶିଶୁମାନଙ୍କୁ ନିୟୋଜନ କରାଯାଉଛି। ଏହା ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବରେ ଶିଶୁଶ୍ରମିକ ଓ ଶୋଷଣ ଅନ୍ତର୍ଭୁକ୍ତ ଅଟେ। ଏପ୍ରକାର ଶୋଷଣ ପାଇଁ ଆମ ଭିତରେ ଥିବା ପୁଞ୍ଜିପତି ଏବଂ ମୁନାଫାଖୋର ଗୋଷ୍ଠୀଦାୟୀ। ଏଥିପାଇଁ ବର୍ତ୍ତମାନ 'କ୍ୟାମ୍ପେନ୍ ଏଗ୍‌ନେଷ୍ଟ ଚାଇଲଡ୍ ଲେବର' ତରଫରୁ ସଂଗ୍ରାମ ଜାରିରହିଛି। ସେହିପରି ବାଳିକା ଶ୍ରମ ନିଷେଦ୍ଧକୁ ସ୍ୱତନ୍ତ୍ର ଆଇନ ଅଛି।

ଶିଶୁଶ୍ରମିକ ପ୍ରଥା ଲୋପପାଇଁ ଖାଲି ଆଇନ ଯଥେଷ୍ଟ ନୁହେଁ। ଏଥିପାଇଁ ସଚେତନତା ସୃଷ୍ଟିଦରକାର ଏବଂ ସର୍ବଶିକ୍ଷା ଅଭିଯାନର ବାସ୍ତବ ରୂପରେଖ ପାଇଁ ଆନ୍ତରିକ ପ୍ରଚେଷ୍ଟା ଦରକାର। ଏ ଦାୟିତ୍ୱ ମୋର, ଆପଣଙ୍କର ଏବଂ ସଭିଙ୍କର।

ଏହା ସତ୍ୟ ଯେ ଶିଶୁହିଁ ଏ ଜାତିର ଭବିଷ୍ୟତ ଏବଂ କର୍ଣ୍ଣଧାର। ତାକୁ ଠିକ୍ ଭାବରେ ଗଢ଼ି ତୋଳିବା ଦାୟିତ୍ୱ ଆମର।

# ଅଳିଆଗଦାରେ ତରକାରୀ ଆଇନ

କୌଣସି ଭୋଜିରେ ଅଥବା ହୋଟେଲ, ରେଷ୍ଟୁରାଣ୍ଟ, କ୍ୟାଣ୍ଟିନ୍, କ୍ଲବ ଆଦିରେ ଜଣେ ବ୍ୟକ୍ତିଙ୍କୁ ଦୁଇ ପ୍ରକାରରୁ ଅଧିକ ତରକାରୀ ପରସା ଯାଇପାରିବ ନାହିଁ । ଏ ସଂକ୍ରାନ୍ତରେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଆଇନଗତ ବ୍ୟବସ୍ଥା ଥିଲେ ମଧ୍ୟ ଏହାକୁ ସରକାରୀକଳ ବି ମାନୁନାହିଁ। ସରକାର ଚଳାଉଥିବା ବ୍ୟକ୍ତିବିଶେଷ ଓ ଉଚ୍ଚ ପଦାଧିକାରୀମାନେ ନିଜ ନିଜର ପତିଆରା ପାଇଁ ସ୍ଥଳବିଶେଷରେ ୨୦ ପ୍ରକାରରୁ ଅଧିକ ବ୍ୟଞ୍ଜନ ପରିବେଷଣ କରାଉଥିଲେ ମଧ୍ୟ ତାହାକୁ ରୋକାଯାଇ ନଥିବାରୁ ସାଧାରଣ ଲୋକଙ୍କ ଉପରେ ଏହି ଆଇନଗତ ବ୍ୟବସ୍ଥାର ସାମାନ୍ୟ ପ୍ରଭାବ ପଡୁନାହିଁ। ଅତ୍ୟାବଶୀକୟ ସାମଗ୍ରୀ ଆଇନ ଆଧାରରେ ଭାରତ ସରକାରଙ୍କ କୃଷି ମନ୍ତ୍ରାଳୟ ୧୯୭୨ ମସିହାରେ ଏପରି ଏକ ବ୍ୟବସ୍ଥା ପ୍ରଣୟନ କରିଥିଲେ। ଓଡ଼ିଶା ସରକାର ୧୯୭୩ ମସିହାରେ 'ଓଡ଼ିଶା ଫୁଡ଼ ରେଷ୍ଟ୍ରିକ୍‌ସନ ଅନ୍ ସର୍ଭିସ ଅଫ୍ ମିଲ୍ସ ବାଇ କ୍ୟାଟରିଙ୍ଗ୍ ଏଷ୍ଟାବ୍ଲିଶମେଣ୍ଟ ଅର୍ଡ଼ର' ଗେଜେଟ ବିଜ୍ଞପ୍ତିରେ ପ୍ରକାଶ କରିଥିଲେ। ଏହି ଆଇନଗତ ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ କୌଣସି ଅଧିକାରୀ କିମ୍ବା ଇନ୍ସପେକ୍ଟର ଓ ତଦୁର୍ଦ୍ଧ୍ୱ ପାହ୍ୟାର କୌଣସି ପୋଲିସ୍ ଅଧିକାରୀ ଦୁଇରୁ ଅଧିକ ବ୍ୟଞ୍ଜନ ପରସା ଯାଉଥିବା ଭୋଜି କ୍ଲବ, ହୋଟେଲ, କ୍ୟାଟରିଙ୍ଗ ସଂସ୍ଥା ଆଦି ଉପରେ ଚଢ଼ାଉ କରି ରନ୍ଧା ହୋଇଥିବା ସାମଗ୍ରୀ ଓ ରନ୍ଧନପାତ୍ର ଆଦିକୁ ଜବତ କରିବା ସହିତ ବ୍ୟବସ୍ଥାର ଉଲ୍ଲଙ୍ଘନ କରିଥିବା ବ୍ୟକ୍ତିଙ୍କୁ ଜେରା କରିପାରିବେ। କ୍ରିମିନାଲ ପ୍ରୋସିଡିଓର କୋଡ଼ରେ ଥିବା ବିଭିନ୍ନ ଧାରା ଅନୁଯାୟୀ ଖିଲାଫକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଆଇନଗତ ବ୍ୟବସ୍ଥା ଅଛି। କେବଳ ଖାଦ୍ୟ ଯୋଗାଣକାରୀ ସଂସ୍ଥା ନୁହନ୍ତି, କୌଣସି ବ୍ୟକ୍ତି ଦୁଇରୁ ଅଧିକ ତରକାରୀ ଖାଇବାକୁ ନେଇପାରିବେ ନାହିଁ। ପ୍ରମୁଖ ଖାଦ୍ୟ ହିସାବରେ ଭାତ, ଡାଲି, ଚପାତି, ପରଟା, ପୁରି, ଲୁଚି ଆଦି ସହିତ ମାଛ, ମାଂସ କିମ୍ବା ପରିବାରେ ପ୍ରସ୍ତୁତ ଗୋଟିଏ ତରକାରୀ ଏବଂ ତାହାର ସହଯୋଗୀ ଭାବେ ପରିବା, ଅଣ୍ଡା, ମିଠା ଆଦିରେ ତିଆରି ଆଉ ଗୋଟିକୁ ବ୍ୟବହାର କରିପାରିବେ । ତେବେ ଏହି ତରକାରୀ ବ୍ୟତିତ ସୁପ୍, ବିସ୍କୁଟ, ଜାମ୍, ଜୁସ୍, ଭଜା, ପାମ୍ପଡ଼, ଚଟଣୀ, ଖଟା, ରାଇତା, ପିଆଜ, ଘିଅ, ଲହୁଣି, ଦହି, ଛେନା, ଦୁଗ୍ଧ, କଷ୍ଟାଡ଼ ଆଦି ସେବନ କରାଯାଇପାରିବ। ଖାଦ୍ୟ କଟକଣା ପାଇଁ ଆଇନରେ ଏହି ବ୍ୟବସ୍ଥା ଥିବାବେଳେ ଏବେ ସମ୍ଭ୍ରାନ୍ତ ଲୋକମାନଙ୍କର ବାହାଘର ଭୋଜିରେ ଆଠ ଦଶପ୍ରକାରର ଆମିଷ ଓ ଅନେକ କିସମର ନିରାମିଷ ବ୍ୟଞ୍ଜନ ପରସା ଯାଉଛି। ଯେଉଁମାନେ ଏହାକୁ ଜଗିବା କଥା ସେମାନେ ଭୋଜିଭାତ ଖାଇବା ସଙ୍ଗେ ସଙ୍ଗେ ସେଠାରେ ଆପ୍ୟାୟିତ ହେଉଥିବା ବିଶିଷ୍ଟ ଅତିଥିମାନଙ୍କ ନିରାପତ୍ତା କଥା ଦେଖୁଛନ୍ତି। ବିଦେଶରୁ ଆସୁଥିବା କୂଟନୈତିକ ଅତିଥିମାନଙ୍କୁ ଆପ୍ୟାୟିତ କରିବା ଲାଗି ଆୟୋଜିତ ନୈଶ୍ୟଭୋଜି ପାଇଁ ଏହି ଆଇନଗତ କଟକଣା ଲାଗୁନାହିଁ। ଓଡ଼ିଶା ସରକାର ସହରକୁ ଆସୁଥିବା ଦୂରଦୂରାନ୍ତର ସାଧାରଣ ଲୋକଙ୍କ ପାଇଁ ପାଞ୍ଚ ଟଙ୍କିଆ ଆହାର ଯୋଜନା ପ୍ରଣୟନ କରିଥିଲେ ବି ଏଥିରେ କିନ୍ତୁ ଅବ୍ୟବସ୍ଥା ଦେଖାଯାଉଛି। ଓଡ଼ିଶା ପରି ଅଭାବୀ ଓ ଗରିବ ରାଜ୍ୟରେ ଦିନରେ ଥରେ ମାତ୍ର ଖାଇବାକୁ ସକ୍ଷମ ନଥିବା ଅନେକ ଲୋକ ରହିଥିବାବେଳେ ସରକାରଙ୍କ ପ୍ରଣୀତ ବ୍ୟବସ୍ଥିତ ତରକାରୀ ଆଇନ ଅଳିଆଗଦାରେ ପଡ଼ିଛି। ଇଆଡ଼େ ଭୋଜି ପରଦିନ କୁଢ଼ କୁଢ଼ ବଳିଯାଇଥିବା ବା ଅତିଥିମାନେ ଛାଡ଼ିଥିବା ଅଇଁଠା ଖାଦ୍ୟ ଆବର୍ଜନା ପରିବେଶ ସୃଷ୍ଟି ମଧ୍ୟ କରୁଛି। ପରିବେଶ ପ୍ରଦୂଷଣ ହେଉଥିଲେ ବି ସମସ୍ତେ କିନ୍ତୁ ବେଫିକର। କଥା ହେଉଛି ତଥାକଥିତ ବଡ଼ବଡ଼ିଆମାନେ ନିଜର ଆତ୍ମସମୀକ୍ଷା ନକଲେ ଇଏ ଏକ ପ୍ରହସନ ହୋଇ ଯାହା ରହିବ।

# 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି...'

ଏହି ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ। ବାସ୍ତବରେ ଯିବାଟା ହିଁ ସତ୍ୟ। ଯାହା ପ୍ରମାଣ କରେ ପୁଣିଥରେ ଆସିବାକୁ। ମାତ୍ର ଯେଉଁମାନେ ପରମପୁରୁଷ ଭଗବତ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିର ପଦଚିହ୍ନ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ସତ୍ୟ, ନ୍ୟାୟ ଓ ତ୍ୟାଗର କ୍ଷୁରଧାରକୁ ଅହର୍ନିଶ ପରୀକ୍ଷା କରୁଥିବା, ଜୀବନ ଯନ୍ତ୍ରଣାରେ ବେଦନାବିଦ୍ଧ ହୋଇ ପରପାଇଁ ସୁଖର ହସ ବାଣ୍ଟୁଥିବା ଜଣେ ସେହିପରି ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଥିଲେ ଏହି ପରୋପକାରୀ ଆଧ୍ୟାତ୍ମିକ ସମାଜ ସେବିକା ସ୍ୱର୍ଗତାଃ ରୁକ୍ମଣୀ ଦେବୀ। ତାଙ୍କ ଜୀବନଟା ଥିଲା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଏକ ବଡ଼ ଯୌଥ ପରିବାରରେ ଜନ୍ମ ହୋଇ ଦାୟିତ୍ୱ ନିର୍ବାହ କରି ଗରିବ, ଅନାଥ, ଅସହାୟ ଝିଅ ଓ ମହିଳା ମାନଙ୍କ ପାଇଁ ତାଙ୍କ ଜୀବନର ଶେଷ ନିଶ୍ୱାସ ହିଁ କାନ୍ଦୁଥିଲା। ସେ ଥିଲେ ମୋ ଆଧ୍ୟାତ୍ମିକ ସମାଜ ସେବାର ଉତ୍ସ ରୁକ୍ମଣୀ ମାଆ। ପିଲାବେଳର ସ୍ମୃତି ମନେପଡ଼ିଗଲା ବେଳେ ଭାବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱଜ୍ଞାନ ଯାହା ଥିଲା ସବୁବେଳେ ପ୍ରେରଣା, ସମାଜ ସେବା ହିଁ ବଡ଼ ଉତ୍ସ। ନିଜ ଜୀବନରେ ସେ କେବେ ନିଜର ସମାଜ ସେବାକୁ ପ୍ରଚାର ପ୍ରସାର ଚାହୁଁ ନଥିଲେ ଏବଂ ସଂଯୋଗ ବଶତଃ ମହାପ୍ରଭୁ ଶ୍ରୀଜଗନ୍ନାଥ ହାତଛନ୍ଦି ଥିଲେ ମୋ ଜୀବନ ସାଥି ଉଦୟ କୁମାର ଦାସଙ୍କ ସହିତ। ଯିଏ କି ଆଧ୍ୟାତ୍ମିକ ସମାଜ ସେବା ପାଇଁ ବଡ଼ ପ୍ରେରଣାର ଉତ୍ସ। ଶାସ୍ତ୍ରରେ ନାରୀମାନଙ୍କୁ ସପ୍ତ ସଦ୍‌ଗୁଣର ଅଧିକାରିଣୀ ବୋଲି କୁହାଯାଇଛି। ସତ୍ୟ, ପ୍ରେମ, ଧର୍ମ, ଶାନ୍ତି, ସହନ, ଆନନ୍ଦ ଓ ସ୍ୱାନୁଭୂତି। ସେ ଘରର ସ୍ତ୍ରୀ, ଯେ କି ଘରର ସୁନାମର ଆଧାର। ସେହିପରି ରାଜ୍ୟ ଦେଶ, ଏପରିକି ବିଶ୍ୱର ମର୍ଯ୍ୟାଦା ରକ୍ଷାରେ ନାରୀମାନଙ୍କର ମୁଖ୍ୟ ଭୂମିକା ରହିଛି। ଘର ଭିତରେ ନାରୀକୁ ଗୃହଲକ୍ଷ୍ମୀର ଉଚ୍ଚ ମର୍ଯ୍ୟାଦା ଦିଆଯାଇଛି। ପତି ଅସୁବିଧାର ସମ୍ମୁଖୀନ ହେବା ବେଳେ ପତ୍ନୀ ସଙ୍ଗେ ସଙ୍ଗେ ତାଙ୍କ ଦୁଃଖରେ ଭାଗୀ ହୁଏ ଏବଂ ପତି ତଥା ପରିବାରର କଲ୍ୟାଣ ପାଇଁ ଯେ କୌଣସି କାର୍ଯ୍ୟ କରିବାକୁ ଯେ କୌଣସି ଦୁର୍ଦ୍ଦଶା ଭୋଗିବାକୁ ଏପରିକି ନିଜର ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ ଥାଏ। ଘରଣୀ ହିଁ ଘରର ସୁନାମ ପଛରେ ଥାଏ। ନାରୀ ତ୍ୟାଗସ୍ୱରୂପିଣୀ ଅଟେ। ପୁରୁଷ ତ୍ୟାଗ କରୁଥିଲେ ବି ସେଥିରେ ସ୍ୱାର୍ଥଭାବନା ଥାଏ, କିନ୍ତୁ ନାରୀର ତ୍ୟାଗ ପୁରାପୁରି ନିଃସ୍ୱାର୍ଥପର। ସେଥିପାଇଁ ଆମେ ଆମର ନାରୀମାନଙ୍କ ପାଇଁ ଗର୍ବ କରିବା ଉଚିତ।

ବ୍ରହ୍ମବୈବର୍ତ୍ତ ପୁରାଣରେ ବର୍ଣ୍ଣିତ ଅଛି- 'ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା। ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା।।' ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା। ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ। ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କ ଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ। ନାରୀଙ୍କ ସ୍ଥାନ ସର୍ବଦା ଆଗରେ। ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି। ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି। ନାରୀ ପୁରୁଷଙ୍କଠାରୁ କୌଣସି ଗୁଣରେ କମ ନୁହଁନ୍ତି। ନାରୀ ବିନା ଏ ସୃଷ୍ଟି ସମ୍ଭବ ନୁହେଁ। ନାରୀ ବିନା ସଂସାର କଳ୍ପନା ବୃଥା। ନାରୀ ବିନା ପୁରୁଷ ସମ୍ପୂର୍ଣ୍ଣ ହୋଇପାରେନା। ନର, ନାରୀ ଏକ ରଥର ଦୁଇ ଚକ। ଏକ ଶରୀରର ଦୁଇପାଦ। ଏକ ମୁଖର ଦୁଇ ନେତ୍ର। ଜଣକ ବିନା ଅନ୍ୟଟି ଅସମ୍ପୂର୍ଣ୍ଣ। ତେଣୁ ନାରୀକୁ ପୁରୁଷର ଅର୍ଦ୍ଧାଙ୍ଗିନୀ କୁହାଯାଏ। ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି। ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା। ତେଣୁ ତ୍ରୈତ୍ତରୀୟ ପୁରାଣରେ ବର୍ଣ୍ଣିତ ଅଛି - 'ଅୟଜ୍ଞୋ ବା ଏଷ ଯୋ ପତ୍ନୀକଃ।।' ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା। ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ। ନାରୀ ସର୍ବଦା କଲ୍ୟାଣକାରୀ। ସେ ପୂଜ୍ୟା। ଗୃହର ଦୀପ୍ତି। ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି। କୁହାଯାଏ - ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ। ମନୁ ସଂହିତାରେ ବର୍ଣ୍ଣିତ ଅଛି - 'ଯତ୍ର ନାର୍ଯ୍ୟବସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ।।' ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି। ଯେଉଁଠାରେ ତା'ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ। ଜୀବନକାଳ ଭିତରେ ସବୁବେଳେ ସମାଜ ସେବା ଓ ଆଧ୍ୟାତ୍ମିକତା ଭିତରେ ଜୀବନ ନିର୍ବାହ କରିଥିବା ଏପରି କ୍ୱଚିତ ମହିଳାଙ୍କ ଜୀବନ ଆମ ପାଇଁ ପ୍ରେରଣାର ଉତ୍ସ।

ନାରୀମାନଙ୍କୁ ଅଷ୍ଟୈଶ୍ୱର୍ଯ୍ୟ ସ୍ୱରୂପିଣୀ ବୋଲି କୁହାଯାଇଛି। ସେଥିପାଇଁ ଆମ ସଂସ୍କୃତିରେ ପିତା, ଗୁରୁ ଓ ଭଗବାନଙ୍କ ଅପେକ୍ଷା ମାତାଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଉଛି। ଯଥାର୍ଥରେ କୁହାଯାଇଛି 'ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ସର୍ବ ଦେବତା'। ତେଣୁ ଉପନିଷଦରେ ବର୍ଣ୍ଣନା ଅଛି - ନାରୀମାନେ ଲକ୍ଷ୍ମୀ ସ୍ୱରୂପିଣୀ ହୋଇଥିବା ଯୋଗୁଁ ସେମାନଙ୍କୁ ସମ୍ମାନିତା କରାଯିବା ବେଳେ ହିଁ ପୃଥିବୀ ସମୃଦ୍ଧିଲାଭ କରିପାରିବ। ତୁମେ ଏହା ନିଜେ ଦେଖିପାରିବ ଯେଉଁଠାରେ ସଚ୍ଚରିତ୍ରା ନାରୀମାନେ ଥାଆନ୍ତି ସେଠାରେ ତୁମେ ସମସ୍ତ ସମୃଦ୍ଧି ପାଇପାରିବ। ତୁମେ ସମସ୍ତେ ଜାଣିଛ ଯେ ବିଶ୍ୱଯୁଦ୍ଧ ସମୟରେ ଅନେକ ଦେଶ କ୍ଷତିଗ୍ରସ୍ତ ହେଲେ। ଭାରତ ଯଦି ଅକ୍ଷୁର୍ଣ୍ଣ ରହିପାରିଲା, ତାହାର କାରଣ ହେଉଛି କେବଳ ସଚ୍ଚରିତ୍ରା ନାରୀମାନଙ୍କ ଉପସ୍ଥିତି। ଭାରତ ନିଜର ମହାନତା ଓ ଗାରିମା ପାଇଁ ନାରୀମାନଙ୍କ ନିକଟରେ ସମ୍ପୂର୍ଣ୍ଣ ଋଣୀ। ତେଣୁ ନାରୀ ମାନଙ୍କୁ ସମ୍ମାନ କର ଏବଂ ସେମାନଙ୍କୁ ସୁଖୀ କର। ଅତୀତ ହେଉ, ବର୍ତ୍ତମାନ ହେଉ ବା ଭବିଷ୍ୟତ ହେଉ ସର୍ବକାଳରେ ନାରୀ ହିଁ ପ୍ରଗତିର ମେରୁଦଣ୍ଡ, ଦେଶ ଓ ଜାତିର ହୃତ୍‌ପିଣ୍ଡ ଓ ପ୍ରାଣବାୟୁ ସଦୃଶ। ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀ ମାନଙ୍କର ଦାନ ଅତୁଳନୀୟ। ବୈଦିକ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାରୀମାନେ ହିଁ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି। ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ। ଉତ୍ତମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ୟା ତା'ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା'ର ପ୍ରତିଦିନର କର୍ତ୍ତବ୍ୟ।


# ରେମୁଣା ସମ୍ବାଦ ସାହିତ୍ୟ ଘର ପକ୍ଷରୁ ସ୍ୱାଭିମାନ ଦିବସ



ବାଲେଶ୍ୱର (ପିଏନ୍)- ରେମୁଣା ସମ୍ବାଦ ସାହିତ୍ୟ ଘର ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀରେ ସ୍ୱାଭିମାନ ଦିବସ ସତ୍ୟବତୀ ନଗର ସମ୍ବାଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଘର ସଭାପତି ଡ. ଭାଗବତ ପ୍ରସାଦ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି କ୍ଷୀରଚରା ଗୋପୀନାଥ ମନ୍ଦିର ନିର୍ବାହି ଅଧିକାରୀ ସରୋଜ କୁମାର ବେହେରା, ମୁଖ୍ୟ ବକ୍ତା ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ କୁମାର ନାୟକ, ସମ୍ମାନିତ ଅତିଥି ଅବସର ପ୍ରାପ୍ତ ଅଧ୍ୟକ୍ଷ ଡ. ଶ୍ୟାମସୁନ୍ଦର ପଣ୍ଡା, ଆଇନ ଜିବୀ ମାୟାଧର ମାହାର୍ଣ୍ଣା, ସାହିତ୍ୟକ ବିଧାନ ଚନ୍ଦ୍ର ରାୟ, ଶିକ୍ଷାବିତ୍ ବିଷ୍ଣୁପଦ ପଣ୍ଡା, ସଂଗୀତ ଗୁରୁ ଗଙ୍ଗାଧର ସେଠୀ, ଡ. ସତ୍ୟରଞ୍ଜନ ଦାସ, କବି ନିରଞ୍ଜନ ସାହୁ, ଶିକ୍ଷାବିତ୍ ବୃନ୍ଦାବନ ବେହେରା, ଦିନବନ୍ଧୁ ଦାସ, କବି ଗଙ୍ଗାଧର ଦାସ ପ୍ରମୁଖ ଯୋଗ ଦେଇ କୁଳବୃଦ୍ଧ ଜାତିପ୍ରାଣ ମଧୁବାବୁଙ୍କ ତ୍ୟାଗପୁତ ଜୀବନର ମହନୀୟ ଗୁଣାବଳୀ ଆଲୋଚନା କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ସଂଯୋଜକ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ ସ୍ୱାଭିମାନ ଦିବସର ଆଭିମୁଖ୍ୟ ଓ ଆମ ଓଡ଼ିଶା ସମ୍ବାଦ ସାହିତ୍ୟ ଘରର କାର୍ଯ୍ୟଧାରା ସଂପର୍କରେ ଆଲୋକପାତ କରି ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। କବୟିତ୍ରୀ ସତ୍ୟଭାମା ମୁଦଲି ମଧୁବାବୁଙ୍କ ଆବାହନୀ ଓ ଉଦ୍‌ଯାପନୀ ସଂଗୀତ ଗାନ କରିଥିଲେ। ଦ୍ୱିତିୟ ଅଧିବେଶନରେ କବି ରବୀନ୍ଦ୍ର କୁମାର ବିଶ୍ୱାଳ, କବି ମଧୁସୂଦନ ପାଢ଼ୀ ଓ କୁମାରୀ ଇପ୍ସିତା ସ୍ୱାଇଁ ସଂଯୋଜନାରେ ମଧୁସୂଦନଙ୍କ ଜୀବନୀ ଆଧାରିତ ଓ ସ୍ୱାଭିମାନ ସଂପର୍କିତ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟଙ୍ଗ କବି ପ୍ରଭାକର ସାହୁ, ଯୋଗେଶ ଚନ୍ଦ୍ର ବେହେରା, ଗର୍ଗପଦ ପଣ୍ଡା, ହରେକୃଷ୍ଣ ଗିରି, ସୀତାନାଥ ଦାସ, ମିନତୀ ପାତ୍ର, ଡ. ରତ୍ନାକର ସିଂହ, ନିରଞ୍ଜନ ବେହେରା, ପ୍ରଦୀପ କୁମାର ଉପାଧ୍ୟାୟ, ଷ୍ଟାଲିନ ମିଶ୍ର, ଦିବେନ୍ଦୁ ମଲ୍ଲିକ, କଞ୍ଚନମଣି ସ୍ୱାଇଁ, ବାବୁଲି ନାୟକ, ସଇଦନ ବିବି, ଦୁଶମନ୍ତ ଦାସ, କବି ଚକ୍ରଧର ଦାସ, ସତ୍ୟ ନାରାୟଣ ପାକଳ, ନିରଞ୍ଜନ ମାହାର୍ଣ୍ଣା, ଜିତେନ୍ଦ୍ର କୁମାର ଘୋଷାଲ, ସଂଜୟ କୁମାର ପ୍ରଧାନ, ଯତିନ୍ଦ୍ରନାଥ ଜେନା, ରଶ୍ମିବାଳା ଦାସ, ଚକ୍ରଧର ଦାସ, ରାଧାରଞ୍ଜନ ଦାସ, ଇଶ୍ୱର ଚନ୍ଦ୍ର ବେହେରା, ବ୍ୟଙ୍ଗ କବି ପଦ୍ମଲୋଚନ ପ୍ରଧାନ, କାଳୀଚରଣ ବିନ୍ଧାଣୀ ପ୍ରମୁଖ ସ୍ୱରିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଇଂ ମାନସ କୁମାର ପାଢ଼ୀ, ବାବୁଲା ନାୟକ, କମଳା ନାୟକ ଙ୍କ ସମେତ ସାହିତ୍ୟ ଘରର ସଦସ୍ୟ ଓ ସଦସ୍ୟା ମାନେ ସହାୟତା କରିଥିଲେ। ଶେଷରେ କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।

# ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦ ବୈଠକ ଅନୁଷ୍ଠିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ପୌରୋହିତ୍ୟରେ ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦ ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ଖାଉଟି ସୁରକ୍ଷା ପରିଷଦର ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ଖାଉଟି ସୁରକ୍ଷା ପରିଷଦର ସଭାପତି, କେନ୍ଦ୍ରାପଡା ବିଧାୟକଙ୍କ ପ୍ରତିନିଧି, ପାଟକୁରା ବିଧାୟିକାଙ୍କ ପ୍ରତିନିଧି, ରାଜନଗର ବିଧାୟକଙ୍କ ପ୍ରତିନିଧି, କେନ୍ଦ୍ରାପଡା, ମହାକାଳପଡା, ଗରଦପୁର ବ୍ଲକ ଅଧ୍ୟକ୍ଷ, କେନ୍ଦ୍ରାପଡା ପୌରପରିଷଦର ଅଧ୍ୟକ୍ଷା, ମାପଯନ୍ତ୍ର ଓ ବଜାର ନିୟନ୍ତ୍ରଣର ଜିଲ୍ଲା ଓ ରାଜ୍ୟ ସ୍ତରୀୟ ଅଧିକାରୀ ଓ ଉପଭୋକ୍ତାମାନେ ଉପସ୍ଥିତ ରହି ଉକ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ବୈଠକର ଆବାହକ ତଥା ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ସଦସ୍ୟଙ୍କୁ ସ୍ୱାଗତ ଜଣାଇବା ସହ ଖାଉଟି ସୁରକ୍ଷା ସମ୍ପର୍କରେ ବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ଖାଉଟି ସୁରକ୍ଷା ସଭାପତି ପ୍ରବୋଧ କୁମାର ଦାଶ କିପରି ଖାଉଟିଙ୍କ ସୁରକ୍ଷା ନିମନ୍ତେ ଜିଲ୍ଲା, ରାଜ୍ୟ ଓ କେନ୍ଦ୍ର ସ୍ତରରେ କମିଶନମାନ ଗଠନ କରାଯାଇଛି ଏବଂ ଜଣେ ସାଧାରଣ ଖାଉଟି ଏହାର ସଦୁପଯୋଗ କରି ନିଜର ହକ ପ୍ରାପ୍ତ କରିପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ସେ ଜଣେ ବୋଲେରୋ ହିତାଧିକାରୀ କିପରି ତାଙ୍କ ଗାଡିର ଚେଚିସ ଖରାପ ହୋଇଯିବାରୁ ସେ ମହିନ୍ଦ୍ରା କମ୍ପାନୀ ଠାରୁ ତାଙ୍କର କ୍ଷତିପୁରଣ ପାଇପାରିଲେ ଏକ ସୁନ୍ଦର ଉଦାହରଣ ମାଧ୍ୟମରେ ଘଟଣା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହା ପରେ ଓଜନ ଓ ମାପଯନ୍ତ୍ରର ଅଧିକାରୀ କିପରି ଭାବରେ ଜଣେ ହିତାଧିକାରୀ ହାତ ମାପ ଯନ୍ତ୍ର ଓ ଯାନ୍ତ୍ରିକ ମାପ ଯନ୍ତ୍ରର ଅନୀୟମୀତତାର ଠକାମିରେ ଶିକାର ନହେବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।




**ଭୁବନେଶ୍ୱର, ୨୦୨୪, ଜୁନ ୧୯**

# ଈଶ୍ୱରଙ୍କ ସହିତ ସଂଯୁକ୍ତ ହେବା ହିଁ ଯୋଗ



ଯଶସ୍ୱିନୀ ପଟ୍ଟନାୟକ

ଈଶ୍ୱରଙ୍କ ସହିତ ସଂଯୁକ୍ତ ହେବା ହିଁ ଯୋଗ। ଏହା ଏକ ଆଧାତ୍ମିକ ବିଜ୍ଞାନ। ଯେଉଁ ବିଜ୍ଞାନ ଜୀବାତ୍ମା ଏବଂ ପରମାତ୍ମା ମିଳନର ଶିକ୍ଷା ପ୍ରଦାନ କରିଥାଏ। ଯୋଗର ଲକ୍ଷ୍ୟ ହେଉଛି – ମନୁଷ୍ୟଙ୍କୁ ପ୍ରକୃତିର ଦାସତ୍ୱରୁ ମୁକ୍ତ କରି ତାଙ୍କୁ ନିଜ ସ୍ୱରୂପର ସାକ୍ଷାତକାର କରାଇବା। ସ୍ୱାମୀ ଶିବାନନ୍ଦ ଲେଖିଛନ୍ତି – 'ବ୍ରହ୍ମଦର୍ଶନ କରିବା ଓ ଈଶ୍ୱରଙ୍କ ମଧରେ ନିବାସ କରିବା ହେଉଛି ଯୋଗସାଧନାର ସାରକଥା।' ଏବେ ଭାରତୀୟ ଯୋଗଦର୍ଶନ ଗିରିକନ୍ଦର ତଥା ପାହାଡ଼ ପର୍ବତର ଗୁମ୍ଫାରୁ ବାହାରି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଏହାର ଶକ୍ତି ସାମର୍ଥ୍ୟ ଏବଂ ଅଲୌକିକତା ଦ୍ୱାରା ସାଧାରଣ ଲୋକଙ୍କ ପରି ବୈଜ୍ଞାନିକଗଣ ମଧ ଆକର୍ଷିତ ହେଉଛନ୍ତି। ଏ ପର୍ଯ୍ୟନ୍ତ ସେମାନେ କେବଳ ଯୋଗର ସ୍ଥୁଳ ଲାଭ ସହିତ ପରିଚିତ। ଯେଉଁଦିନ ଏହାର ସମସ୍ତ ସୂକ୍ଷ୍ମଲାଭ ସହିତ ପରିଚିତ ହେବେ, ସେ ଦିନ ଆଧାତ୍ମିକ ବିଜ୍ଞାନ ଏବଂ ଆଧୁନିକ ବିଜ୍ଞାନ ଏ ଦୁଇ ବିଜ୍ଞାନର ମିଳିତ ସହଯୋରେ ଏକ ନୂତନ ବିଶ୍ୱର ଅଭ୍ୟୁଦୟ ହେବ ଏକଥା ସୁନିଶ୍ଚିତ। ଏବେ ଏଇ ଯୋଗବିଜ୍ଞାନର ରେକୀ, ପ୍ରାଣିକ ହିଲିଙ୍ଗ ଭଳି କେତୋଟି ପ୍ରଭାବଶାଳୀ ପଦ୍ଧତି ସମଗ୍ର ବିଶ୍ୱରେ ଚହଳ ସୃଷ୍ଟି କରିଛି।

କର୍ମଯୋଗ, ଜ୍ଞାନଯୋଗ, ଭକ୍ତିଯୋଗ, ଜପଯୋଗ, ରାଜଯୋଗ – ଏହି ଭଳି ଭାବେ ଯୋଗ ଅନେକ ପ୍ରକାର ଅଛି। ମହର୍ଷି ପତଞ୍ଜଳୀଙ୍କ ଯୋଗସୂତ୍ରରେ ରାଜଯୋଗ ସମ୍ବନ୍ଧରେ ପୂର୍ଣ୍ଣରୂପେ ତର୍ଜମା କରାଯାଇ ଯୋଗ ପଦ୍ଧତିକୁ ସୁବ୍ୟବସ୍ଥିତ ରୂପେ ବର୍ଣ୍ଣନା କରାଯାଇଛି ଏବଂ ସାଧକଙ୍କର ଅଗ୍ରଗତି ସମ୍ବନ୍ଧରେ ତାର ଆବଶ୍ୟକତା ପ୍ରତିପାଦିତ ହୋଇଛି। ରାଜଯୋଗ ହେଉଛି ବିଜ୍ଞାନ ସମ୍ମତ ଏବଂ ଦୃଢ଼ମନସ୍ତାତ୍ତ୍ୱିକ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ଏକ ସଂକ୍ଷିପ୍ତ ତଥା ପ୍ରତ୍ୟକ୍ଷ ମୌଳିକ ପ୍ରଣାଳୀ। ଏହା ଯମ, ନିୟମ ଆଦି ବହିରଙ୍ଗ ଯୋଗ (ଆସନ, ପ୍ରାଣାୟାମ, ପ୍ରତ୍ୟାହାର) ଏବଂ ଅନ୍ତରଙ୍ଗ ଯୋଗ (ଧାରଣା, ଧ୍ୟାନ, ସମାଧି) ରୂପେ କ୍ରମବଦ୍ଧ ହୋଇଛି।

ମହର୍ଷି ପତଞ୍ଜଳୀଙ୍କ ମତରେ ଚିତ୍ତବୃତ୍ତିର ସଂଶୋଧନ ହେଉଛି ଯୋଗର ଉଦ୍ଦେଶ୍ୟ। ସେହି କଥାକୁ ଉପନିଷଦ ଭାଷାରେ ଉଲ୍ଲେଖ ରହିଛି 'ପଶୁପ୍ରବୃତ୍ତିକୁ ପରିବର୍ତ୍ତନ କରି ଦିବ୍ୟ ଆତ୍ମାର ସ୍ୱରୂପ ଦେବା ପ୍ରକ୍ରିୟାର ନାମ ଯୋଗ।' ମହର୍ଷି ଅରବିନ୍ଦ ଲେଖିଛନ୍ତି – 'ମନର ନିମ୍ନଗାମୀ ପ୍ରବୃତ୍ତିକୁ ଉର୍ଦ୍ଧ୍ୱଗାମୀ ଦିଗ ନିର୍ଦ୍ଦେଶ ଦେବା ଯୋଗର ଉଦ୍ଦେଶ୍ୟ।' ସ୍ୱାମୀ ଶିବାନନ୍ଦ ଲେଖିଛନ୍ତି – 'ପରମାତ୍ମାଙ୍କ ସହିତ ଯୋଗ ବା ମିଳନ ହିଁ ଜୀବନର ପରମ ଲକ୍ଷ୍ୟ । ଯୋଗ ସକଳ ଦୁଃଖକଷ୍ଟ ଏବଂ ସମସ୍ତ ଅଶାନ୍ତି ଦୂର କରେ। ଯୋଗ ଜନ୍ମମୃତ୍ୟୁ ରୂପକ ସଂସାର ଚକ୍ରରୁ ମୁକ୍ତି ଦିଏ। ଯୋଗଜ୍ଞାନ ମାଧମରେ ବିଭିନ୍ନ ସିଦ୍ଧି ଓ ମୁକ୍ତି ପ୍ରଦାନକାରୀ ଅମରତ୍ୱର ଅମୃତପାନ କରନ୍ତୁ ଏବଂ ଜଣେ ଯୋଗୀ ହୋଇଯାଆନ୍ତୁ।

ସ୍ୱାମୀ ଶିବାନନ୍ଦ ଲେଖିଛନ୍ତି – ଯେଉଁମାନେ ହୃଦୟଙ୍ଗମ କରିଛନ୍ତି ଯେ, ସଂସାରର ବିଷୟସୁଖ କ୍ଷଣଭଙ୍ଗୁର, ଭ୍ରାନ୍ତ, ଅନ୍ତଃସାରଶୂନ୍ୟ ଓ ଅସାର, କେବଳ ସେହିମାନେ ହିଁ ଯୋଗସାଧନା ପାଇଁ ଯୋଗ୍ୟ। ଯୋଗମାର୍ଗର ସାଧକ ନମ୍ର, ସାଧୁ, ସରଳ, ଭଦ୍ର, ଶିଷ୍ଟ, ସହନଶୀଳ, କାରୁଣିକ ଓ ଦୟାଳୁ ହେବା ଉଚିତ। ଧୈର୍ଯ୍ୟ, ଉତ୍ସାହ ଓ ଦୃଢ଼ ସଂକଳ୍ପବାଦ ବ୍ୟକ୍ତି ହିଁ ଏହି ମାର୍ଗରେ ଗତି କରିପାରନ୍ତି। ଯିଏ ନିଜର ଆରାମ ଓ ସୁଖକୁ ଉପେକ୍ଷା କରି ସର୍ବଦା ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ, ସେ ହେଉଛନ୍ତି ଆଧାତ୍ମମାର୍ଗର ଜଣେ ପ୍ରକୃତ ଉନ୍ନତ ସାଧକ। ଯେଉଁ ସାଧକଙ୍କ ଠାରେ ପରଦୋଷ ଦର୍ଶନ କରିବାର ଆଗ୍ରହ ଥାଏ, ଯେ ଦୁର୍ନୀତିପରାୟଣ ଓ ଅସଂଯତ ସେ ସାଧନାରେ ଉନ୍ନତି କରିପାରନ୍ତି ନାହିଁ। ଯାହାଙ୍କର ଗୁରୁବାକ୍ୟ ଏବଂ ଶାସ୍ତ୍ରରେ ଶ୍ରଦ୍ଧା ଥାଏ ସେହି ହିଁ ଏଥିପାଇଁ ଅଧିକାରୀ ସାଧକ।

ବର୍ତ୍ତମାନ ସର୍ବତ୍ର ଯୋଗ ପଦ୍ଧତିର ଆଲୋଚନା ହେଉଛି ଏବଂ ସେଥିରୁ ମିଳୁଥିବା ସ୍ଥୁଳଲାଭର ବିଶେଷ ବ୍ୟାଖ୍ୟା କରାଯାଉଛି। ଯୋଗ ବିଷୟରେ କହିବାବାଲା ଲୋକ ଏବଂ ଶୁଣିବା ବାଲା ଲୋକ କମ ନାହାନ୍ତି। ଅନେକ ବ୍ୟକ୍ତି ଯୋଗର ଆଦ୍ୟ ବର୍ଣ୍ଣମାଳା ନଜାଣି ଧ୍ୟାନ, ସମାଧି, ଚକ୍ରସାଧନ, କୁଣ୍ଡଳିନୀ ଜାଗରଣ ଆଦି କ୍ରିୟାରେ ହଠାତ୍ ହାତ ଦେଇଦେଉଛନ୍ତି। ଧ୍ୟାନ ହେଉଛି ଯୋଗସାଧନାର ସପ୍ତମ ସୋପାନ। ସେ ସୋପାନରେ ପହଞ୍ଚିବା ପୂର୍ବରୁ ସାଧକ ମୂଳରେ ଥିବା ଛଅଟି ପ୍ରାଥମିକ ସୋପାନ ଅତିକ୍ରମ କରିବା ଆବଶ୍ୟକ। ମହର୍ଷି ପତଞ୍ଜଳୀ ଏଥିପାଇଁ ପ୍ରଥମେ ଯମ ନିୟମ ଭଳି ଦୁଇଟି ସୋପାନ ରଖିଛନ୍ତି। ଯମ ନିୟମ ପରେ ଆସନ, ମୁଦ୍ରା, ବନ୍ଧ, ପ୍ରାଣାୟାମ, ତାପରେ କାହିଁ କେତେ ଦୂରରେ ଯାଇ ଧ୍ୟାନ, ସମାଧି, କୁଣ୍ଡଳିନୀ ଜାଗରଣର କଥା। ଯୋଗ, ପ୍ରାଣାୟମ, ଆସନ ବା ବିଭିନ୍ନ ଆଧାତ୍ମିକ ଚେତନାର ଅନ୍ୟତମ ଶ୍ରେଷ୍ଠ ଅବସ୍ଥା ହେଉଛି ଧ୍ୟାନ। ଏ କଥା ସହଜରେ ବୁଝାଯାଏ ଯେ, ସମସ୍ତଙ୍କୁ ଧ୍ୟାନ କରିବାର ଆବଶ୍ୟକତା ନଥାଏ। ପ୍ରତ୍ୟେକଙ୍କର ନିଜସ୍ୱ ଧାରା ରହିଥାଏ – କେହି କେହି ଭକ୍ତି ଦ୍ୱାରା, କେହି କେହି ସଙ୍ଗୀତ ମାଧମରେ, ଅନ୍ୟ କେହି ଶାସ୍ତ୍ର ଅଧୟନ ଦ୍ୱାରା ଅନ୍ୟ କେହି ନିଷ୍କାମ କର୍ମ ଦ୍ୱାରା ପଥଗୁଡ଼ିକ ଅନେକ। ଯେଉଁମାନଙ୍କର ପାଇଁ ଭଗବତ ଅନ୍ୱେଷଣ ପାଇଁ ଧ୍ୟାନ ସହାୟକ ହୋଇଥାଏ ସେମାନେ ଏହି କଥାଟି ନିଶ୍ଚିନ୍ତ ରୂପେ ଜାଣି ରଖିବା ଉଚିତ ଯେ, ଧ୍ୟାନ ନିଜ ଲକ୍ଷ୍ୟ ନୁହେଁ, ତେଣୁ ଘଣ୍ଟା ଘଣ୍ଟା କାଳ ମଧରେ ବାସିବା ଏହି ଉଦ୍ଦେଶ୍ୟ ପାଇଁ ଯଥାର୍ଥ ନୁହେଁ ଧ୍ୟାନର ଗୁଣବତ୍ତା ବାସ୍ତବିକ ଗୁରୁତ୍ୱପୂର୍ଣ୍ଣ କଥା ଅଟେ। ଯେଉଁମାନଙ୍କର ପଥ ଧ୍ୟାନ ମାଧମ ଦେଇଯିବାକୁ ହୋଇଥାଏ ଅଥବା ଅତିକମ୍‌ରେ ଏହା ତାଙ୍କ ସାଧନାର ଏକ ମୁଖ୍ୟ ଅଙ୍ଗ ହୋଇଥାଏ, ଏହାର ଗୁରୁତ୍ୱପୂର୍ଣ୍ଣ ଅଟେ ଯେ ସେମାନେ ନିୟମିତ ଭାବେ ଧ୍ୟାନରେ ବସିବା ଉଚିତ।ଆଜିକାଲି ଯୋଗ ନାମରେ ଏମିତି ଅନେକ ଭ୍ରାନ୍ତି ପ୍ରଚଳିତ। ସେ ଭ୍ରାନ୍ତିରୁ ମୁକ୍ତ ହେବା କେବଳ ଆବଶ୍ୟକ ନୁହେଁ, ବରଂ ଅନିବାର୍ଯ୍ୟ। ଯୋଗ ଏକ ମହତ୍ତ୍ୱପୂର୍ଣ୍ଣ ବିଦ୍ୟା ଏବଂ ସାଧନା। ଏହାର ବାସ୍ତବ ରୂପକୁ ଜାଣି ଯୋଗ୍ୟ ସଦଗୁରୁଙ୍କ ମାର୍ଗଦର୍ଶନ ସାହାଯ୍ୟରେ ଅଭ୍ୟାସ କଲେ ଯେକୌଣସି ବ୍ୟକ୍ତି ସାଧାରଣ ଅବସ୍ଥାରୁ ଅସାଧାରଣ ହୋଇପାରେ।

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ,

# ସହରାଞ୍ଚଳ ଆଶ୍ରୟସ୍ଥଳ ଅନ୍ତେବାସୀଙ୍କୁ ଚିକିତ୍ସା ସୁବିଧା ଦିଆଯାଉ

**ପୁଷ୍ପମିତ୍ର ମହାପାତ୍ର**

ଓଡ଼ିଶା ସରକାରଙ୍କ ଦ୍ୱାରା ରାଜ୍ୟର ଗରିବ ଅସହାୟ ଲୋକଙ୍କୁ ସେବା ଓ ସହାୟତାର ହାତ ବଢ଼ାଇବା ପରିପ୍ରେକ୍ଷୀରେ ଅନେକ ଗୁଡ଼ିଏ ଜନମଙ୍ଗଳ ଯୋଜନା ପ୍ରଣୟନ କରାଯାଇଛି। ସେଥିମଧ୍ୟରୁ ସହରାଞ୍ଚଳ ଆଶ୍ରୟ ସ୍ଥଳ ଗୋଟିଏ। ସଂପ୍ରତି ସହରାଞ୍ଚଳରେ ଫୁଟପାଥ ଖୋଲା ଆକାଶ ତଳେ ପଡ଼ି ରହିଥିବା ଅସହାୟ ବାସହରାମାନଙ୍କୁ ଆଶ୍ରୟ ଦେବା ପାଇଁ ସରକାର ସହରାଞ୍ଚଳ ଆଶ୍ରୟସ୍ଥଳ ନିର୍ମାଣ କରିଛନ୍ତି। ବିଶେଷ କରି ଖରାବର୍ଷା ଶୀତ କାକରରେ ଅତି ଅସହାୟ ଅସୁରକ୍ଷିତ ଭାବେ ଏହି ବେସାହାରା ମଣିଷ ମାନଙ୍କ ପାଇଁ ସାହା ଭରଷା ପାଲଟିଛି ଏହି ଆଶ୍ରୟସ୍ଥଳ। ଏଠାରେ ଅନେକ ଦୁଃଖରଖିଙ୍କ ନିରାଶ୍ରୟ ଲୋକମାନଙ୍କୁ ଆଶ୍ରୟ ଦିଆଯାଇଛି ସତ ହେଲେ ସେମାନଙ୍କ ପାଇଁ ଆବଶ୍ୟକତା ଅନୁସାରେ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇନାହିଁ। ଅତି ବୃଦ୍ଧାବସ୍ଥାର ଲୋକମାନଙ୍କ ପାଇଁ କୌଣସି ଚିକିତ୍ସା ସୁବିଧା ମଧ ନଥିବାବେଳେ ମେଡ଼ିକାଲ ଡେଷ୍ଟିଟ୍ୟୁଟ ଓ୍ୱାର୍ଡ଼ରେ ପଡ଼ି ପଡ଼ି ଅତି ଦୟନୀୟ ଭାବେ ପ୍ରାଣ ହରାଇବା ହିଁ ସାର ହେଉଛି। ମେଡ଼ିକାଲରେ ଚିକିତ୍ସା ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ମଧ ଏ ବାବଦରେ କୌଣସି ସହାୟତା ରାଶି ଦିଆଯାଏ ନାହିଁ। ଅନ୍ୟପକ୍ଷରେ ସବୁ ପ୍ରକାର ଔଷଧ ବି ହସ୍ପିଟାଲରେ ମିଳୁନାହିଁ। ଆଶ୍ରୟସ୍ଥଳ ଦାୟିତ୍ୱରେ ଥିବା ପତିତ ଉଦ୍ଧାର ସମିତି ପକ୍ଷରୁ ସମସ୍ତଙ୍କୁ ସବୁ ପ୍ରକାର ଚିକିତ୍ସା ଯୋଗାଇବା ମଧ ସମ୍ଭବ ହେଉନାହିଁ। ଏପରି ସ୍ଥଳେ ରହୁଥିବା ଅନ୍ତେବାସୀମାନେ ବିଭିନ୍ନ ଚିକିତ୍ସା ନପାଇ ବହୁ ହିନସ୍ତା ହେଉଥିବା ଦେଖିବାକୁ ମିଳିଛି। କେତେକ କ୍ଷେତ୍ରରେ ଦେଖାଯାଉଛି ଯେ ଅନ୍ତେବାସୀମାନେ କିଛିଦିନ ରହିବା ପରେ ବୟସାଧିକ୍ୟ କାରଣରୁ ବିଭିନ୍ନ ରୋଗରେ ଏପରିକି ପାରାଲିସିରେ ଆକ୍ରାନ୍ତ ହୋଇଥିବା ନଜିର ରହିଛି। ଏପରିସ୍ଥଳେ ତାଙ୍କର ଚିକିତ୍ସା ପାଇଁ ବହୁ ଅର୍ଥର ଆବଶ୍ୟକ ପଡୁଛି। ଯାହାକୁ ଦାୟିତ୍ୱରେ ଥିବା ସଂସ୍ଥା ବହନ କରିବା ସମ୍ଭବ ନୁହେଁ। କାରଣ ଆଶ୍ରୟସ୍ଥଳରେ ଥିବା ଏପରି ଅନେକ ଅନ୍ତେବାସୀମାନଙ୍କର ଚିକିତ୍ସା ସେବାରେ ବହୁ ଆବଶ୍ୟକତା ରହିଛି। ଏଥିପାଇଁ ମହାନଗର ନିଗମ ପକ୍ଷରୁ ବି କୌଣସି ସହାୟତା ମିଳେନାହିଁ। ଅନ୍ତେବାସୀଙ୍କ ଖାଦ୍ୟପାନୀୟ ପାଇଁ ଯେତିକି ସହାୟତା ମିଳେ ତାହା ବି ଯଥେଷ୍ଟ ନୁହେଁ। ଅନ୍ୟପକ୍ଷରେ ପ୍ରତ୍ୟେକ ଆଶ୍ରୟସ୍ଥଳ ଗୁଡ଼ିକରେ ୫୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀ ରହିଥିବାବେଳେ ମାତ୍ର ଦୁଇଟି ଶୌଚାଳୟ ରହିଛି। ଏତେ ଲୋକଙ୍କ ପାଇଁ ମାତ୍ର ଦୁଇଟି ଶୌଚାଳୟ ଯଥେଷ୍ଟ ହେଉନାହିଁ। ଆଶ୍ରୟସ୍ଥଳରେ ଅଧିକ ସଂଖ୍ୟକ ଭିନ୍ନକ୍ଷମ ଲୋକମାନେ ରହୁଥିବାବେଳେ ସେମାନଙ୍କ ପାଇଁ ମଧ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇନାହିଁ। ସରକାର କରିଥିବା ଆଶ୍ରୟସ୍ଥଳ ଗୁଡ଼ିକରେ ଅନ୍ତେବାସୀଙ୍କ ପାଇଁ ଆନୁସଙ୍ଗିକ ସୁବିଧା, ଚିକିତ୍ସା ବ୍ୟବସ୍ଥା ଓ ଭିନ୍ନକ୍ଷମ ଲୋକଙ୍କ ଦେଖାଶୁଣା କରିବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି ହୋଇଛି।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,
କଟକ,

# ପ୍ରଦେଶ କଂଗ୍ରେସ କମିଟିର ପ୍ରଥମ ଉପସଭାପତି ଡଃ ଏକ୍ରାମ ରସୁଲଙ୍କ ସ୍ମୃତିରେ




ବିଶ୍ୱଜିତ ପାଣି

କେବଳ ଓଡିଶା ପ୍ରଦେଶ କାହିଁକି ସମଗ୍ର ଭାରତ ବର୍ଷରେ ଅନେକ ନିର୍ବିବାଦୀୟ ତଥା ନୀତିନିଷ୍ଠ ପ୍ରତିଭା ସମସ୍ତେ ପର୍ଦ୍ଦା ପଛରେ ରହିଯାଇଛନ୍ତି ସେମାନଙ୍କର ସମାଜ ପ୍ରତି ନିଃସର୍ତ୍ତ ତଥା ନିରବଛିନ୍ନ ଅବଦାନ ଲୋକ ଲୋଚ଼ନକୁ ଆସିପାରିନାହିଁ ସେମାନଙ୍କ ମଧ୍ୟରୁ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ର ପ୍ରଥମ ଉପସଭାପତି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଡଃ ସୟିଦ ଏକ୍ରାମ ରସୁଲ ଅନ୍ୟତମ । କଟକ ଜିଲ୍ଲା ର ଦରିଆପୁର ଗ୍ରାମରେ ୧୮୬୩ ମସିହା ଜୁନ ମାସ ୧୭ ତାରିଖ ଦିନ ପିତା ମୌଲାନା ସୟିଦ ଆତାଉଲ୍ଲାହ ଏବଂ ମାତା ନସରିନ ବିବି ଙ୍କ କୋଳ ମଣ୍ଡନ କରନ୍ତି ଡଃ ଏକ୍ରାମ । ବାଲ୍ୟାବସ୍ଥା ରୁ ସେ ଜଣେ ଉତ୍ତମ ଛାତ୍ର ଭାବରେ ସର୍ବତ୍ର ଜଣାଶୁଣା ଥିଲେ ଏବଂ ପରବର୍ତୀ ପର୍ଯ୍ୟାୟରେ ସେ ଏକ ପ୍ରତିଷ୍ଠିତ ଚ଼ିକିତ୍ସିକ ହୋଇ ଜନସେବାରେ କିଭଳି ନିଜକୁ ବ୍ରତୀ ରଖିବେ ସେଥିପାଇଁ ଡାକ୍ତରୀ ଶିକ୍ଷା ପ୍ରତି ଆଗ୍ରହ ପ୍ରକାଶ କଲେ । କିନ୍ତୁ ତାଙ୍କର ସଂଗ୍ରାମୀ ପିତାଙ୍କ ବାରଣ ଥିଲା ଯେ ଯଦି ସେ ଡାକ୍ତରୀ ଶିକ୍ଷା ପ୍ରାପ୍ତ କରନ୍ତି ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ବ୍ରିଟିଶ ସରକାର ର ଅଧୀନରେ ଜଣେ ସରକାରୀ କର୍ମଚ଼ାରୀ ଭାବରେ ଯୋଗଦାନ କରିବା ଦ୍ୱାରା ଆମର ମୂଳ ଲକ୍ଷ୍ୟ ଭାରତର ସ୍ୱାଧୀନତା ସଂଗ୍ରାମ ହାସଲ ହୋଇପାରିବ ନାହିଁ କାରଣ ସେତେବେଳେ ବ୍ରିଟିଶ ସରକାର ବିରୁଦ୍ଧରେ ବ୍ୟାପକ ଆନ୍ଦୋଳନ ଜାରି ରହିଥାଏ । କିନ୍ତୁ ଏକ୍ରାମ ଙ୍କ ଇଛା କୁ ସମ୍ମାନ ଜଣାଇ ତାଙ୍କୁ ଡାକ୍ତରୀ ଶିକ୍ଷା ପାଇଁ ସମ୍ମତି ପ୍ରଦାନ କଲେ ତାଙ୍କର ପିତା କିନ୍ତୁ ସର୍ତ୍ତ ଥିଲା ସେ ଭେଷଜ ବିଜ୍ଞାନରେ ଶିକ୍ଷାପ୍ରାପ୍ତ ପରେ କୌଣସି ସରକାରୀ ଚ଼ାକିରୀ ପ୍ରତି ଆଗ୍ରହ ପ୍ରକାଶ ନ କରି ନିଜକୁ ଜନସେବାରେ ବ୍ରତୀ ରଖିବାକୁ ଏବଂ ଡଃ ରସୁଲ ୧୮୯୩ ମସିହା ରେ ଡାକ୍ତରୀ ଶିକ୍ଷା ସମାପ୍ତ ପରେ ପିତା ଆତାଉଲ୍ଲାହ ଙ୍କୁ ଦେଇଥିବା ପ୍ରତିଶ୍ରୁତି ରଖିବାକୁ ଉଚ଼ିତ ମଣିଥିଲେ । ଡଃ ରସୁଲ ସ୍ୱଗୃହରେ ନୈନ୍ଦିନ ନମାଜ ପାଠ ପରେ ପ୍ରତ୍ୟହ ଉପସ୍ଥିତ ରୋଗୀ ମାନଙ୍କ ଦେଖାଶୁଣା କରି ଉପଯୁକ୍ତ ପରାମର୍ଶ ଦେଇଥାନ୍ତି ଏବଂ ସେଥିପାଇଁ କୌଣସି ପ୍ରାପ୍ୟ ର ଆଶା ନ ରଖି ବରଂ ମାଗଣାରେ ଔଷଧ ପ୍ରଦାନ କରିଥାନ୍ତି । 'ମାନବ ସେବା ହିଁ ମାଧବ ସେବା' ର ପ୍ରକୃତ ଅର୍ଥ କୁ ବୁଝିପାରିଛନ୍ତି ଏହି ନିସ୍ୱାର୍ଥପର ଦେଶ ସେବକ ଡଃ ଏକ୍ରାମ ଯାହା ଫଳରେ ତାଙ୍କର ଏହି ନିଃସର୍ତ୍ତ ସେବା ମନୋଭାବ ପରବର୍ତ୍ତୀ ପର୍ଯ୍ୟାୟରେ ଜଣେ ସଂଗ୍ରାମୀ ପୁରୁଷ ହୋଇ ଦେଶର ସ୍ୱାଧୀନତା ସଂଗ୍ରାମ ରେ ସମର୍ପିତ ହେବା ପାଇଁ ଅନେକ ଉତ୍ସାହ ପ୍ରଦାନ କରିଥିଲା। କନିକା ରେ ହେଉଥିବା ପ୍ରଜା କୃଷକ ଆନ୍ଦୋଳନରେ ସାମିଲ ହୋଇ ଜମିଦାର ମାନଙ୍କ ଦ୍ୱାରା ଆଦାୟ ହେଉଥିବା ବର୍ଦ୍ଧିତ କର କୁ ଘୋର ବିରୋଧ କରିଥିଲେ ସ୍ୱୟଂ ଡଃ ଏକ୍ରାମ ଯାହା କି ତାଙ୍କର ସଂଗ୍ରାମୀ ଭାବନାର ପରିଚ଼ାୟକ ହୋଇଥିଲା । ପରେ ପରେ ଗାନ୍ଧିଜୀ ଏବଂ ଗୋପବନ୍ଧୁ ଦାସ ଙ୍କ ଦ୍ୱାରା ପ୍ରଭାବିତ ହୋଇ ଭାରତର ଅସହଯୋଗ ଆନ୍ଦୋଳନ ଯୋଗ ଦେଇ ବ୍ରିଟିଶ କୁଶାସନ ବିରୁଦ୍ଧରେ ନିଜର ସଂଗ୍ରାମ ଜାରି ରଖିଥିଲେ । ଅସହଯୋଗ ଆନ୍ଦୋଳନରେ ତାଙ୍କର ପ୍ରତ୍ୟକ୍ଷ ସଂପୃକ୍ତି ଯୋଗୁ ବ୍ରିଟିଶ ସରକାରଙ୍କ ଆକ୍ରୋଶ ର ଶିକାର ହେବାକୁ ପଡିଥିଲା ଯାହା ଫଳରେ ତାଙ୍କୁ ବହୁବାର ଗିରଫ ପାଇଁ ଓ୍ୱାରେଣ୍ଟ ର ସାମନା କରିବାକୁ ପଡୁଥିଲା କିନ୍ତୁ ତାଙ୍କର କର୍ମକ୍ଷେତ୍ର କଟକ ରେ ବହୁଳ ଜନପ୍ରିୟ ଚ଼ିକିତ୍ସିକ ହୋଇଥିବା କାରଣରୁ ପୋଲିସ ମଧ ତାଙ୍କୁ ଗିରଫ କରିବା ତ ଦୂରର କଥା ବରଂ ତାଙ୍କୁ ଲୁକ୍କାୟିତ ଭାବରେ ରୋଗୀ ଚ଼ିକିତ୍ସା ପାଇଁ ସୁଯୋଗ ଦେଉଥିଲେ । ଗାନ୍ଧିଜୀ ଙ୍କ ଅହିଂସା ବ୍ରତ କୁ ଆପଣାଇ ଆସିଥିବା ଡଃ ଏକ୍ରାମ ଏପରିକି ଇଂରେଜ ଆରକ୍ଷୀ ଅଧିକ୍ଷକ ଙ୍କ ପତ୍ନୀଙ୍କୁ ଚ଼ିକିତ୍ସା କରିବାରେ ମଧ କୁଣ୍ଠା ପ୍ରକାଶ କରି ନ ଥିଲେ । ଏକଦା ତାଙ୍କର ଜଣେ ସମ୍ପର୍କୀୟ ପୋଲିସ ଙ୍କ ଦ୍ୱାରା ତାଙ୍କୁ ଗିରଫ ହେବାକୁ ପଡିଥିଲା ଏବଂ ତାଙ୍କର ପ୍ରବଳ ଲୋକପ୍ରିୟତା ଯୋଗୁ ଜନସାଧାରଣଙ୍କ ବିରୋଧ କୁ ଆଶଙ୍କା କରି ତାଙ୍କୁ କଟକ ପରିବର୍ତ୍ତ ? ହଜାରୀବାଗ ଜେଲ କୁ ସ୍ଥାନାନ୍ତରିତ କରାଗଲା ଏବଂ ଦୁଇ ବର୍ଷ କାରା ଦଣ୍ଡାଦେଶ ର ଆଦେଶ ଭୋଗିବାକୁ ପଡିଥିଲା । କିନ୍ତୁ କାରାବାସ ସମୟରେ ସେ ତାଙ୍କର ଜେଲ ଅନ୍ତେବାସୀ ମାନଙ୍କୁ ବି ଚ଼ିକିତ୍ସା ପ୍ରଦାନ କରି ଆସୁଥିଲେ । ତାଙ୍କର ଏହି ସେବାମନୋଭାବ ସବୁ ମହଲରେ ଏତେ ଆକୃଷ୍ଟ କରିଆସୁଥିଲା ଯେ ତାହା କେବଳ ଭାରତର ବିଶିଷ୍ଟ ସଂଗ୍ରାମୀ ବ୍ୟକ୍ତିତ୍ୱ ମାନଙ୍କୁ ନୁହେଁ ବରଂ ବ୍ରିଟିଶ ସରକାରଙ୍କୁ ମଧ ପ୍ରଭାବିତ କରିଆସୁଥିଲା ଯାହା ଫଳରେ ତାଙ୍କ ଦଣ୍ଡାଦେଶ କୁ କୋହଳ କରିବାକୁ ପଡିଥିଲା । ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ର ଗଠନ ହୋଇଥିଲା ୧୯୨୧ ମସିହା ମାର୍ଚ୍ଚ ରେ ଏବଂ ଏହାର ପ୍ରଥମ ସଭାପତି ଉତ୍କଳମଣି ଗୋପବନ୍ଧୁ ଦାସ ଙ୍କ ବ୍ୟତୀତ ପ୍ରଥମ ଉପସଭାପତି ଭାବରେ ଡଃ ଏକ୍ରାମ ରସୁଲ, ପ୍ରଥମ ସାଧାରଣ ସମ୍ପାଦକ ଭାବରେ ଭାଗିରଥି ମହାପାତ୍ର ଏବଂ ପ୍ରଥମ ଯୁଗ୍ମ ସମ୍ପାଦକ ଭାବରେ ବ୍ରଜବନ୍ଧୁ ଦାସ କମିଟିର କାର୍ଯ୍ୟକର୍ତ୍ତା ଭାବରେ କାର୍ଯ୍ୟ କରିଥିଲେ ଓ ଏହିଭଳି ଜନନେତା ଙ୍କ ତିରୋଧାନ ହୁଏ ୧୯୪୩ ମସିହା ଏପ୍ରିଲ ମାସ ୩ ତାରିଖ ଦିନ ।ଡଃ ସୟିଦ ଏକ୍ରାମ ରସୁଲ ଙ୍କ ଭଳି ନିସ୍ୱାର୍ଥପର ଦେଶସେବକ, ନୀତିନିଷ୍ଠ ରାଜନୀତିଜ୍ଞ ଏବଂ ଜଣେ ଲୋକପ୍ରିୟ ବିରଳ ବ୍ୟକ୍ତିତ୍ୱ ଙ୍କ ଆଦର୍ଶ ଆଜିର ସମାଜ ପାଇଁ ପ୍ରେରଣାର ଉତ୍ସ ହେଉ ଏହା ହିଁ ତାଙ୍କ ର ୧୬୧ ତମ ଜନ୍ମ ବାର୍ଷିକୀରେ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ।

ଆଡ଼ଭୋକେଟ
ଅରୁଣୋଦୟ ନଗର ,
କଟକ-୭୫୩୦୧୨
ମୋ: +୯୧ ୭୦୦୮୬୯୧୪୩୪

# ଯୋଡ଼ା ଶଙ୍ଖର ବିପରୀତଫଳ




ଉତ୍କଳାନନ୍ଦ ଅଜୟ କୁମାର ବେହେରା

ବିଜୁ ଜନତା ଦଳର ନିର୍ବାଚନୀ ଚିହ୍ନ ଶଙ୍ଖ, ଏହି ଶଙ୍ଖ ହିନ୍ଦୁ ଜନତାଙ୍କର ଏକ ପବିତ୍ର ଦ୍ରବ୍ୟ। ଏକ ଜୀବର ମଲା ଅଙ୍ଗ ହେଲେ ବି ଦେବ ମନ୍ଦିର ପୂଜା ପାର୍ବଣରେ ବ୍ୟବହାର କରାଯାଉଛି। ଶାସ୍ତ୍ର ମାନ୍ୟତାରେ ଶଙ୍କ ଦୈବ ବ୍ରାହ୍ମ ସାନ୍ନିଧ ପାଇଛି। ଶଙ୍ଖ ସାଗରଜାତ, ଧରାଯାଏ ସାଗର ମନ୍ଥନରୁ ଶଙ୍ଖର ସନ୍ଧାନ ଖୋଦ ବିଷ୍ଣୁଙ୍କ ହାତରେ ଶଙ୍ଖ, ଶଙ୍କର ଭଗବାନ ଉତ୍କଟ ଶଙ୍ଖୁଆ ବିଷ ଏଇ ଶଙ୍ଖରେ ଧରି ପାନ କରିଥିଲେ ତାହା ପୁଣି ଶଙ୍ଖରୁ ତାଙ୍କର ଗଳବାଟେ ଗଳଧଃକରଣ ବେଳେ ହେଜ ହେଲା ଭିତରକୁ ଗଲେ ଶରୀରରେ ଏହି ହଳାହଳ ଶରୀର ମହାକ୍ଷତି କରିବ ଏଣୁ ସେ ଗଳାରେ ବା କଣ୍ଠରେ ସେ ଧାରଣ କରିଛନ୍ତି। ଏ ପାଇଁ ତାଙ୍କ ନାମ ନୀଳକଣ୍ଠ। ବିଷ ପରୀକ୍ଷାରେ ଅଗ୍ନୀ ଏକ ଉତ୍ସ। ଅଗ୍ନୀରେ ସନ୍ଦେହ ଯଦି ବିଷ ପାଇଁ ବୋଧ ହୁଏ ତେବେ ଦ୍ରବ୍ୟଟିକୁ ଅଗ୍ନୀରେ ପକାଇଲେ ନୀଳବର୍ଣ୍ଣ ଅଗ୍ନୀ ଶିଖା ଦେଖାଦିଏ। ତୁତିୟ ନୀଳରଙ୍ଗର ତୀବ୍ର ଲବଣ ଏହାବି ଏକ ମରାତ୍ମକ ବିଷ, ଏହାକୁ ତିଆରୀରେ ବ୍ୟବହାର କରାଯାଏ। ତମ୍ବାକୁ ନିଆଁରେ ପକାଇଲେ ନୀଳବର୍ଣ୍ଣର ଅଗ୍ନୀ ଶିଖା ଦେଖାଯାଏ। ଗନ୍ଧକ ଏକ ଶୋଧନ ପ୍ରକ୍ରିୟାର ଦ୍ରବ୍ୟ ଅଶୋଧିତ ଗନ୍ଧକ ବ୍ୟକ୍ତି ପ୍ରାଣଘାତ କରିଥାଏ। ଏହି ଗନ୍ଧକକୁ ନିଆଁରେ ପକାଇଲେ ନୀଳ ରଶ୍ମୀ ନିର୍ଗତ ହୁଏ। ଏହି ନୀଳ ହିଁ ବିଷ ସୂଚକ ଅଛି। ଶଙ୍ଖୁଆ, ଶଙ୍ଖଧା ସେବା ଏକ ବୃତ୍ତି ଓ ପାଟକରେ ଅଛି। ପ୍ରତି ଦେବ ମନ୍ଦିରର ଅଛି। ଶୁଭଶଙ୍ଖ ବିବାହରେ ବାଜେ। ଅହ୍ୟ ହୋଇ କେଉଁ ନାରୀ ସ୍ୱାମୀଙ୍କୁ ଛାଡ଼ି ମରିଗଲେ ଶଙ୍ଖବାଜେ।

ମହାଭାରତ ଯୁଦ୍ଧର ଆରମ୍ଭରେ ଭଗବାନ ଶ୍ରୀକୃଷ୍ଣ ପଞ୍ଚଜନୀ ଶଙ୍ଖ ବଜାଇ ଥିଲେ। ପାଣ୍ଡବ ମାନଙ୍କର ସ୍ୱ ସ୍ୱ ନାମକରା ଶଙ୍ଖ ବି ବାଜିଥିଲା। ପୂଜା ଘର ଏକ ଶଙ୍ଖ ରଖାଯିବା ଲୋକେ ମନେ କରନ୍ତି। ମାତ୍ର ନିୟମ ରହିଛି ଦୁଇ ଶଙ୍ଖ ଏକ ପ୍ରକାର କେବେ ପୂଜାଘରେ ରଖିବା କଥା ନୁହେଁ। ଲୋକଙ୍କର ଆଦରର ଜିନିଷ ହେଲେ ବି ଦୁଇ ଶଙ୍ଖ, ଦୁଇ ଶାଳଗ୍ରାମ, ଦୁଇ ଶିବଲିଙ୍ଗ ଏକା ଠାକୁରଙ୍କ ଦୁଇଟି ମୂର୍ତ୍ତି ପୂଜାଘରେ ରଖାଯାଏନାହିଁ। ଏ ଅଙ୍ଗଳ କରାଏ। ବିଜେଡ଼ିର ନିର୍ବାଚନ ଚିହ୍ନ ଶଙ୍ଖ, ୨୦୨୪ ନିର୍ବାଚନରେ ଏମପି ଓ ଏମଏଲଏ ଦୁଇଟି ସ୍ତର ପାଇଁ ଯୋଡ଼ାଶଙ୍ଖରେ ଭୋଟ ଦେବା କଥା ପ୍ରଚାର ହେଲା। ସର୍ବତ୍ର ଯୋଡ଼ା ଶଙ୍ଖ ଛବି ଲାଗିଲା ଯାହାର ବିଷମୟ ଫଳ ଭୋଗିବାକୁ ହେଲା। ଯୋଡ଼ାପଦ୍ମ ପାଇଁ ବରଣ ନାହିଁ। ୧୦୮ ପଦ୍ମ ୧୦୦୮ପଦ୍ମରେ ଠାକୁରାଣୀମାନ ପୂଜା ଉପଚାରରେ ଆସୁଛନ୍ତି। ସଂଖ୍ୟା ଐତିହ୍ୟରେ ଅଛି। ଶଙ୍ଖ ଏକ ସଂଖ୍ୟା। ପଦ୍ମ ବି ଏକ ସଂଖ୍ୟାର ଯୋଗୀକ ନାମ। ପ୍ରକୃତରେ ଶଙ୍ଖ ପଦ୍ମ ଦେବ ଆୟୁଧ ଏମାନେ ଦେବ ସମ୍ପଦ ଦେବା ସମ୍ପର୍କିତ ଯୋଗୁ ସାତ୍ତ୍ୱିକ ପରିବେଶର ଆୟୁଧ। ଏ କେବେ ରକ୍ତପାତରେ ଲାଗିବ ଧାରୁଆ ତିକ୍ଷ୍ଣ ହତିଆର ନୁହଁ। ତେବେ ଏକ ହାତରେ ଏହି ଦୁଇ ନଥାନ୍ତି। ଦୁଇ ହାତକୁ ମସ୍ତିଷ୍କ ଚଳାଉଛି, ଅଦୃଶ୍ୟ ଶକ୍ତି ଏମାନଙ୍କୁ ମୂଳ ବିଶେଷରେ ଦେବତାଙ୍କୁ ପ୍ରଯୋଗ ପ୍ରେରଣା ଦିଅନ୍ତି। ବହୁବର୍ଷ ଏ ଦୁଇ ପ୍ରତ୍ୟକ୍ଷ ପରୋକ୍ଷ ମିତ୍ରତାରେ ଆମ ରାଜ୍ୟ ଓ ଦେଶ ସରକାରରେ ସେବାରେ ଥିଲେ। ଏପରି ସମୟ ଆସିଲା ପରସ୍ପର ପରସ୍ପରକୁ ଶେଷ ପାଇଁ ଚିନ୍ତା ପ୍ରକଟ ଏବେ ବିଛିନ୍ନ କରିଦେଲା। ଅହଙ୍କାର ହିଁ ବିଚ୍ଛେଦ କରାଏ। ଉପକାର ଭୁଲିଗଲେ ଗତ୍ୟନ୍ତର ସର୍ବଦା ହୁଏ ଯୋଡ଼ା ଶଙ୍ଖ ଭାଗ୍ୟରେ ଏହା ହିଁ ହେଲା।

ବରେଣ୍ୟ ବାଣୀ' ପିସି ସରକାର ଲେନ,
ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ : ୯୪୩୭୦୩୧୨୫୩

# ମୋହନ ଭାଗବତଙ୍କ ପରାମର୍ଶ



ଗୋପାଳ ମହାପାତ୍ର

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ମୁଖ୍ୟ ମୋହନ ଭାଗବତ ଅନେକ ସମୟରେ ସାମାଜିକ ବ୍ୟବସ୍ଥା, ସଦଭାବ, ସଦାଚ଼ାର ଓ ସଦ୍ ବୁଦ୍ଧି ଏବଂ ଶିଷ୍ଟାଚ଼ାର ପ୍ରସଙ୍ଗରେ ମନ୍ତବ୍ୟ ଦେଇଥାନ୍ତି । କିଛିଦିନ ତଳେ ସେ ନିର୍ବାଚ଼ନକୁ ନେଇ କେତେକ କଥା କହିଥିଲେ । ଡକ୍ଟର ହେଡଗେଓ୍ୱାର ସ୍ମୃତି ଭବନ ପରିସରରେ ସଂଘର "କାର୍ଯ୍ୟକର୍ତ୍ତା ବିକାଶ ବର୍ଗ-ଦ୍ୱିତୀୟ" ର ସମାପନ ଦିବସ ଅବସରରେ ସଂଘରପ୍ରଶିକ୍ଷୁମାନଙ୍କର ଏକ ସମାବେଶରେ ସମ୍ବୋଧିତ କରି ସେ କହିଥିଲେ ଏବେ ନିର୍ବାଚ଼ନ ସରିଯାଇଛି । ଏବେ ରାଷ୍ଟ୍ର ନିର୍ମାଣ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଆବଶ୍ୟକ । ଏହି ଅବସରରେ ସଂଘ ମୁଖ୍ୟ ମୋହନ ଭାଗବତ ସରକାର ଏବଂ ବିପକ୍ଷଙ୍କୁ ମଧ କିଛି ପରାମର୍ଶ ଦେଇଥିଲେ । ଭାଷଣ ପ୍ରସଙ୍ଗରେ ସେ କହିଥିଲେ ଯେ ନିର୍ବାଚ଼ନ ଏବଂ ଶାସନ ଏ ଦୁଇ ପ୍ରତି ଦୃଷ୍ଟିକୋଣକୁ ପରିବର୍ତ୍ତନ କରାଯିବା ଆବଶ୍ୟକ । ବିଭିନ୍ନ ରାଜନୈତିକ ଦଳର ନେତାମାନେ ଯେଭଳି ମର୍ଯ୍ୟାଦା ଲଂଘନକଲାଭଳି ଭାଷା ବ୍ୟବହାର କରୁଛନ୍ତି ଓ ଅହଂକାର ପ୍ରଦର୍ଶନ କରୁଛନ୍ତି ତାହା ଅନୁଚ଼ିତ ବୋଲି ଭାଗବତ କହିଥିଲେ । ସଂଘର କାର୍ଯ୍ୟ କର୍ତ୍ତା ମାନଙ୍କୁ ମଧ ଏ ସବୁରୁ ନିବୃତ ରହିବା ପାଇଁ ପରାମର୍ଶ ଦେଇଥିଲେ । ନେତାମାନେ ସମାଜକୁ ବିଭାଜିତ କରିବା ଭଳି ଭାଷଣରୁ ନିବୃତ ରହିବା ପାଇଁ ମଧ ପରାମର୍ଶ ଦେଇଥିଲେ । ଅନ୍ୟ ଅର୍ଥରେ ନିର୍ବାଚ଼ନ ଜିତିବା ଆବଶ୍ୟକ କିନ୍ତୁ ନିର୍ବାଚ଼ନୀ ଭାଷଣରେ ଭାଷା ଉପରେ ସଂଯମତା ଆବଶ୍ୟକ କାରଣ ନେତା ସାଧାରଣ ଲୋକଙ୍କ ପାଇଁ ଉଦାହରଣ ଅଟନ୍ତି ।

ସଂଘ ମୁଖ୍ୟ ଯେତେବେଳେ ବି ସାର୍ବଜନୀକ ଭାବେ କୌଣସି ମନ୍ତବ୍ୟ ଦେଇଥାନ୍ତି ସେତେବେଳେ ସେ ବିଭିନ୍ନ ଧର୍ମ ମଧ୍ୟରେ ସମନ୍ୱୟ ଭାଇଚ଼ାରା କଥାକୁ ଯୋଡି ଦେଇଥାନ୍ତି । ଭାଗବତ ଇସଲାମ ଏବଂ ଖ୍ରୀଷ୍ଟ ଧର୍ମ ପ୍ରସଙ୍ଗରେ କହିଥିଲେ ଯେ ଇସଲାମ ଏବଂ ଖ୍ରୀଷ୍ଟ ଧର୍ମରେ ଥିବା ଭଲକଥା ଏବଂ ମାନବବାଦର କଥାକୁ ଆପଣେଇବା ଆବଶ୍ୟକ । ସବୁ ଧର୍ମର ଅନୁଗାମୀମାନେ ପ୍ରତ୍ୟେକେ ପ୍ରତ୍ୟେକଙ୍କୁ ଭାଇ-ଭଉଣୀ ଭାବେ ସମ୍ମାନ ଦେବା ଆବଶ୍ୟକ । ଭାଗବତ କହିଥିଲେ ଯେ ହଜାର ହଜାର ବର୍ଷ ଧରି ଜାରି ରହିଥିବା ଅବ୍ୟବସ୍ଥା/ଅନ୍ୟାୟ କାରଣରୁ ଲୋକଙ୍କ ମଧ୍ୟରେ ଦୂରତା ବଢିଯାଇଛି । ଆକ୍ରମଣକାରୀମାନେ ଭାରତ ଆସିଥିଲେ ଓ ସେମାନଙ୍କର ବିଚ଼ାରଧାରାକୁ ମଧ ସାଙ୍ଗରେ ନେଇଆସିଥିଲେ। ସେଇ ବିଚ଼ାରଧାରାକୁ କିଛି ଲୋକ ଅନୁକରଣ କରିଥିଲେ କିନ୍ତୁ ଏସବୁ ସତ୍ୱ ? ଦେଶର ସଂସ୍କୃତି ଏଇ ବିଚ଼ାରଧାରାରେ ପ୍ରଭାବିତ ହୋଇନାହିଁ । ଭାରତୀୟ ସମାଜରେ ବିବିଧତା ରହିଛି କିନ୍ତୁ ସମସ୍ତେ ଜାଣନ୍ତି ଏହା ଏକ୍ ସମାଜ ଅଟେ ଏବଂ ସମସ୍ତେ ଏହାର ବିବିଧତାକୁ ସ୍ୱୀକାର କରିଥାନ୍ତି । ସମସ୍ତେ ଏକଜୁଟ ହୋଇ ବଢିବା ଆବଶ୍ୟକ ଏବଂ ଜଣେ ଅନ୍ୟ ଜଣକର ଉପାସନା ପଦ୍ଧତିକୁ ସମ୍ମାନ ଜଣାଇବା ଉଚ଼ିତ୍।

ମୋହନ ଭାଗବତଙ୍କ ସର୍ବଧର୍ମ ସମନ୍ୱୟ କଥା ଉପରେ ଭାରତର ମୁଖ୍ୟ ଇମାମ ଡକ୍ଟର ଉମୈରଅହମ୍ମଦଇଲୟସୀ ମଧ ସକାରାତ୍ମକ ମନ୍ତବ୍ୟ ଦେଇଛନ୍ତି । ଡକ୍ଟର ଇଲୟସୀ କହିଥିଲେ ଯେ ମୋହନ ଭାଗବତ ତାଙ୍କ ମଦ୍ରାସା ଏବଂ ମସଜିଦକୁ ମଧ ଆସିଥିଲେ ଏବଂ ପିଲାଙ୍କୁ ଆଶୀର୍ବାଦ ଦେଇଥିଲେ । ପିଲାଙ୍କୁ ପରାମର୍ଶ ଦେଇ କହିଥିଲେ ସମସ୍ତେ ଏକଥା ଭାବିବା ଉଚ଼ିତ୍ ଯେ ଏ ଦେଶ ଆମର ଏବଂ ଏଇ ଭୂମିରେ ଜନ୍ମ ନେଇଥିବା ସମସ୍ତେ ଆମ ଆପଣାର । ଭାଗବତ ପିଲାମାନଙ୍କ ଉଦେଶ୍ୟରେ କହିଥିଲେ ଯେ ଅତୀତକୁ ଭୁଲିଯାଇ ସମସ୍ତେ ଏକ୍ ହେବା ଆବଶ୍ୟକ । କୌଣସି ଧର୍ମରେ ଜାତିବାଦର ସ୍ଥାନ ନାହିଁ କାରଣ ଈଶ୍ୱରଙ୍କ ଦୃଷ୍ଟିରେ ସମସ୍ତେ ସମାନ । ମଦ୍ରାସାର ପିଲାଙ୍କ ସମ୍ପର୍କରେ ଇଲୟସୀ କହିଛନ୍ତି ଯେ ଥରେ ସେ ତାଙ୍କ ମଦ୍ରାସାର ପିଲାଙ୍କୁ ଏକ ଗୁରୁକୁଳକୁ ନେଇ ଯାଇଥିଲେ ଓ ଗୁରୁକୁଳ ଏବଂ ମଦ୍ରାସାର ପିଲାମାନେ ପରସ୍ପରକୁ ଭେଟି ଆଳାପ ଆଲୋଚ଼ନା କରିଥିଲେ । ଫେରିବା ସମୟରେ ମଦ୍ରାସାର ପିଲାମାନେ କାନ୍ଦି ପକାଇଥିଲେ । ଏଇ ସଦ୍ଭାବନାର କଥା ଗୀତା, କୋରାନ, ରାମାୟଣ,ଗୁରୁଗ୍ରନ୍ଥସାହିବ ଓ ବାଇବେଲରେ ରହିଛି । ମୋହନ ଭାଗବତ ମୁସଲିମ ସମ୍ପ୍ରଦାୟ ଉପରେ ଯେଉଁ କଥା କହିଛନ୍ତି ତାହା ଅତୀବ ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି ଯେ ମୁସଲିମ ମାନେ ଭୟ କରିବା ଅନାବଶ୍ୟକ । କାରଣ ବିରୋଧୀମାନେ ଦୀର୍ଘ ୭୫ବର୍ଷ ହେବ କହିଆସୁଛନ୍ତି ଯେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ଜନ ସଙ୍ଘ ଏବଂ ବର୍ତ୍ତମାନର ବିଜେପି ମୁସଲମାନ ବିରୋଧୀ ଏବଂ ଶାସନକୁ ଆସିଲେ ମୁସଲମାନମାନଙ୍କର କ୍ଷତି କରିବ । କିନ୍ତୁ ଅଟଳବିହାରୀ ବାଜପେୟୀଙ୍କ ସରକାର ଏବଂ ମୋଦୀଙ୍କ ୨ଥରର କାର୍ଯ୍ୟକାଳ ସମୟରେ ସମସ୍ତେ ଦେଖିଛନ୍ତି ମୁସଲିମମାନେ କେମିତି ସୁଖ ଶାନ୍ତିରେ ଅଛନ୍ତି । ଏହାର ଅର୍ଥ ହେଉଛି ହିନ୍ଦୁ ଓ ମୁସଲମାନ ମାନଙ୍କର ଯଦିଓ ଧର୍ମ ଭିନ୍ନ କିନ୍ତୁ ଡିଏନଏଏକ୍ ଅଟେ । ଭାଗବତ ଏକଥା ମଧ କହିଛନ୍ତି ଯେ ସବୁ ମସଜିଦକୁ ଖୋଳାଯିବା ଅନୁଚ଼ିତ । ମୋଦୀ ସରକାର ବେଳେ ମୁସଲମାନ ମାନେ ଯେତିକି ଶାନ୍ତିରେ ଥିଲେ ଅନ୍ୟ ସରକାରର ୬୦ବର୍ଷର ଶାସନ ବେଳେ ମଧ ସେତିକି ଶାନ୍ତିରେ ନଥିଲେ ବୋଲି ଭାଗବତ କହିଛନ୍ତି । ଅନ୍ୟ ସରକାରର ୬୦ବର୍ଷର ଶାସନ ସମୟରେ ସାମ୍ପ୍ରଦାୟିକ ସଦ୍ଭାବ କ୍ଷୁର୍ଣ୍ଣ ହୋଇଥିଲା, ଅନେକ ସାମ୍ପ୍ରଦାୟୀକଦଙ୍ଗା ଘଟିଥିଲା ଯେଉଁ ଦଙ୍ଗାରେ ଅନେକ ମୁସଲିମ ପ୍ରାଣ ହରାଇଥିଲେ । ୧୯୮୩ମସିହାରେ ଆସାମରେ ଦଙ୍ଗା ଘଟିବା କାରଣରୁ ହଜାର ହଜାର ମୁସଲିମ ପ୍ରାଣ ହରାଇଥିଲେ ।

ମୋହନ ଭାଗବତଙ୍କ ଏଭଳି ବୟାନକୁ ନେଇ ଏବେ ଅନେକ ବିମର୍ଶ ଚ଼ାଲିଛି ଓ ଭାଗବତଙ୍କ ବୟାନକୁ ନେଇ ରାଜନୈତିକ ଆଲୋଚ଼ନା ସମାଲୋଚ଼ନା ଜାରି ରହିଛି । କିନ୍ତୁ ଭାଗବତଙ୍କ ବୟାନକୁ ବିରୋଧ କରୁଥିବା ଲୋକେ ଜାଣିବା ଉଚ଼ିତ ଯେ ୯ ବର୍ଷ ତଳେ ବିଜ୍ଞାନ ଭବନରେ ଆୟୋଜିତ ଏକ ସମାବେଶରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ମୁଖ୍ୟ କହିଥିଲେ ଯେ ମୁସଲିମମାନଙ୍କ ଯୋଗଦାନ ବିନା ଭାରତର କଳ୍ପନା କରାଯାଇ ପାରିବ ନାହିଁ । କିନ୍ତୁ ସବୁ ପରେ ମୋହନ ଭାଗବତ ଏବେ ଯେଉଁ କଥା କହୁଛନ୍ତି ସେ କଥାରୁ ସ୍ପଷ୍ଟ ଯେ ସଂଘ ଓ ମୁଖ୍ୟ କହବିଜେପି ମଧ୍ୟରେ ସମ୍ପର୍କ ଠିକ୍ ନାହିଁ । ଭାଗବତ ତାଙ୍କ ଭାଷଣରେ ଯେଉଁ ମର୍ଯ୍ୟଦା, ଅହଂକାର ଶବ୍ଦର ପ୍ରୟୋଗ କରିଥିଲେ, ବିରୋଧୀକୁ ଆଦର ସମ୍ମାନର କଥା କହିଥିଲେ, ମଣିପୁର ପ୍ରସଙ୍ଗ ଉଠାଇଥିଲେ ଏସବୁ ପ୍ରତ୍ୟକ୍ଷରେ ନହେଲେ ବି ପରୋକ୍ଷରେ ବିଜେପି ନେତୃତ୍ୱ ପାଇଁ ଉଦ୍ଦିଷ୍ଟ ବୋଲି ଯେ କେହିବି କହିପାରିବ । ସଂଘର ମୁଖପତ୍ରରେ ବିଜେପି ନେତୃତ୍ୱ ଓ ନିର୍ବାଚ଼ନକୁ ନେଇ ଏକ ଆଲେଖ୍ୟ ପ୍ରକାଶ ପାଇଥିଲା ଯେଉଁଥିରେ ବିଜେପି ନେତୃତ୍ୱକୁ କଡା ସମାଲୋଚ଼ନା କରାଯାଇଥିଲା । କିନ୍ତୁ ପ୍ରକୃତ କଥା ହେଉଛି ସଂଘ ନିଜକୁ ଦୋଷମୁକ୍ତ କରାଇବା ପାଇଁ ଏକଥା କୁହାଯାଇଛି । କାରଣ ଅନେକ ତ୍ରୁଟି ଓ ବୁନିଆଦି ଭାବନା ହିଁ ସଂଘରୁ ଆମଦାନୀ ହୋଇଛି । ଜାତିକୁ ନ ମାନିବା ଏବଂ ପଛୁଆ, ଦଳିତ ଏବଂ ଆଦିବାସୀଙ୍କ ପ୍ରତି ମୋଦୀଙ୍କ ଦୃଷ୍ଟିଭଙ୍ଗୀ ସଂଘର ଦୃଷ୍ଟିଭଙ୍ଗୀ ଠାରୁ ବହୁ ଆଗରେ । ବିଜେପିର ମୁସଲମାନମାନଙ୍କ ପ୍ରତି ଦ୍ୱ?ଷ ମଧ ସଂଘର ଏଜେଣ୍ଡା। ନିଜକୁ ବିଶାଳ ସାଂସ୍କୃତିକ ସଂଗଠନ ବୋଲି କହୁଥିବା ସଂଘର ଛୁଆଁ-ଅଛୁଆଁ ଭେଦଭାବ ହଟାଇବା,ଦଳିତଙ୍କ ପ୍ରତି ମାନସିକତା ଏବଂ ମହିଳାଙ୍କ ପ୍ରତି ଦୃଷ୍ଟିକୋଣ ସମସ୍ତେ ଜାଣନ୍ତି । ସଂଘ କେତେ ଗଣତାନ୍ତ୍ରିକ ବ୍ୟବସ୍ଥା ଭିତରେ ଚ଼ାଲିଛି ସେ କଥା ବି ଭାବିବା ଉଚ଼ିତ୍। ମୋହନ ଭାଗବତ ଭାଷଣ ପ୍ରସଙ୍ଗରେ ଯାହା ସବୁ କହିଲେ ତାର ସିଧା ସଳଖ ଅର୍ଥ ହେଉଛି ବିଜେପି ନେତୃତ୍ୱ ଉପରେ ଚ଼ାପ ସୃଷ୍ଟି କରିବା । ଏବେବି ସଂଘ ପାଇଁ ବିଜେପି ଯେତିକି ଆବଶ୍ୟକ ବିଜେପି ପାଇଁ ମଧ ସଂଘର ଆବଶ୍ୟକତା ସେତିକି ରହିଛି ।

*ରାମଚ଼ନ୍ଦ୍ରପୁର*
*ରଣପୁର*
*ମୋ-୯୪୩୮୪୮୫୦୯୪*




# ତାଳଚେର ଦେଉଳବେଢ଼ା ତେଲିସାହି ଠାରେ ସାମାଜିକ ପ୍ରକଳ୍ପ ଗୁଡିକର ଉଦଘାଟନ କଲେ କେନ୍ଦ୍ରମନ୍ତ୍ରୀ



ଅନୁଗୋଳ/ତାଳଚେର, (ପି.ଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଅନୁଗୋଳ ଜିଲ୍ଲା ତାଳେଚର ଦେଉଳବେଢ଼ା ତେଲିସାହି ଗ୍ରାମରେ ଏକ କଲ୍ୟାଣ ମଣ୍ଡପ, ଗ୍ରାମର ସୁସଜ୍ଜିତ ମୁଖ୍ୟ ତୋରଣ ଏବଂ ନାଚ ମଣ୍ଡପର ଉଦଘାଟନ କରିଛନ୍ତି । ଏହି ଅବସରରେ ସେ ଗ୍ରାମବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ କହିଛନ୍ତି ଯେ ପ୍ରାୟ ୨୬ ଲକ୍ଷ ଟଙ୍କା ବ୍ୟୟବରାଦରେ ଉଦଘାଟିତ ହୋଇଥିବା ସମସ୍ତ ପ୍ରକଳ୍ପ ଗୁଡ଼ିକ ଗାଁରେ ବାହାଘର, ବ୍ରତଘର ଭଳି ସାଂସ୍କୃତିକ, ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ସହଯୋଗର ଭୂମିକା ଗ୍ରହଣ କରିବ । ଗ୍ରାମବାସୀମାନେ ଏହି ସବୁ ବ୍ୟବସ୍ଥା ଦ୍ୱାରା ବିଶେଷ ଉପକୃତ ହୋଇପାରିବେ । ଗାଁର ଜନସାଧାରଣ ବିଶେଷ ଭାବରେ ଯୁବବନ୍ଧୁଙ୍କ ଉତ୍ସାହ କାରଣରୁ ଏହି କାମ ସମ୍ଭବ ହୋଇପାରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱ ଓ ବିକାଶର କଳ୍ପନାରେ ଏହି ସବୁ ସାମାଜିକ କାର୍ଯ୍ୟରେ ସହଯୋଗୀ ହୋଇଥିବାରୁ ଶ୍ରୀ ପ୍ରଧାନ ଏମସିଏଲକୁ ଧନ୍ୟବାଦ ଜଣାଇଛନ୍ତି । ସେ ଆହୁରି କହିଛନ୍ତି ଯେ ଆଜି ଆମ ଜିଲ୍ଲା ଅନୁଗୋଳ ପାଇଁ ଏକ ବିଶେଷ ଦିନ । ଜିଲ୍ଲାରେ ଶିକ୍ଷା ଓ ଦକ୍ଷତା ବିକାଶକୁ ଆଗକୁ ନେବା ପାଇଁ ଅନୁଗୋଳରେ ଆଇଆଇଏମ ମୁମ୍ବାଇ ଓ ଆଇଆଇଏମ ସମ୍ବଲପୁର ଦ୍ୱାରା ପରିଚାଳିତ ହେବାକୁ ଥିବା ମ୍ୟାନେଜମେଣ୍ଟ ଶିକ୍ଷା କେନ୍ଦ୍ରର ଉଦଘାଟନ ହୋଇଛି । କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ଭବନ ସହ ସ୍କିଲ ଇଣ୍ଡିଆ ସେଣ୍ଟର, ଜନ ଶିକ୍ଷଣ ସଂସ୍ଥାନର ଲୋକାର୍ପଣ ଭଳି କାର୍ଯ୍ୟକ୍ରମ ଗୁଡିକ ଜିଲ୍ଲାକୁ ଗୁଣାତ୍ମକ ଶିକ୍ଷା, ମ୍ୟାନେଜମେଣ୍ଟ ଏବଂ ଦକ୍ଷତା କ୍ଷେତ୍ରରେ ଅଗ୍ରଣୀ କରାଇବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ସାଂସଦ ରୁଦ୍ର ନାରାୟଣ ପାଣି , ଏନ ଏସ ଆଇ ସି ଡାଇରେକ୍ଟର କାଳନ୍ଦି ସାମଲ,ଏମ୍ସିଏଲ ଲିଙ୍ଗରାଜ କ୍ଷେତ୍ରର ଜିଏମ ସୁବ୍ରତ ବିଶ୍ୱାଳ, ଜଗନ୍ନାଥ ଜିଏମ ଅଶୋକ କୁମାର ଧଳ, ଏମ୍ସିଏଲ ର ସମସ୍ତ ଅଧିକାରୀ ଙ୍କ ସମେତ ସମସ୍ତ ଗ୍ରାମବାସୀ ,ଗ୍ରାମ ସଭାପତି ନବ କିଶୋର ସାହୁ, ଉପ ସଭାପତି ଶଙ୍କର୍ଷଣ ବେହେରା, ବାବୁଲା ପୃଷ୍ଟି,ପ୍ରାକ୍ତନ ଉପ ନଗରପାଳ ସୁଫଳା ପୃଷ୍ଟି, କାର୍ତ୍ତିକେଶ୍ୱର ସାହୁ,ତୁଷାର କୁମାର ସାହୁ,ବନିତା ସାହୁ, ପ୍ରଦୀପ କୁମାର ସାହୁ, ଯଯାତି ପଟ୍ଟନାୟକ, ପର୍ଶୁରାମ ବାରିକ, ମନୋଜ ପ୍ରଧାନ, ବିଭୁତି ସାହୁ, ବିରଞ୍ଚି ସାହୁ, ମିଲ୍ଲୀ ପ୍ରଧାନ, ସ୍ୱାଧୀନ ଅମ୍ଭ, ଅନିତା ବିଶ୍ୱାଳ, କାଳନ୍ଦି ପ୍ରଧାନ, ପ୍ରଶାନ୍ତ ନନ୍ଦ ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଯୋଗ ଦେଇଥିଲେ ।

# କନ୍ଧମାଳରେ ସାଂସଦଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

ଫୁଲବାଣୀ,(ପି.ଏନ): କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ରବିବାର ଓ ସୋମବାର ଦୁଇଦିନ ଧରି କନ୍ଧମାଳ ଜିଲ୍ଲାରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ଥର ସ୍ଥାପନ କରିଛନ୍ତି । ସାଂସଦ ଶ୍ରୀ ସାମନ୍ତ ରବିବାର ପୂର୍ବାହ୍ନରେ ଫୁଲବାଣୀରେ ଆୟୋଜିତ ବିରାଟ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ କନ୍ଧମାଳ ଜିଲ୍ଲାରେ ବିକାଶର ରଥ ଆଗେଇ ଚାଲିଛି ବୋଲି କହିଥିଲେ । କନ୍ଧମାଳ ଜିଲ୍ଲାବାସୀଙ୍କ ସହଯୋଗରେ କନ୍ଧମାଳକୁ ଏକ ନମ୍ବର ଜିଲ୍ଲାରେ ପରିଣତ କରିବା ପାଇଁ ସେ ଆହ୍ୱାନ କରିଥିଲେ । ପରେ ଶ୍ରୀ ସାମନ୍ତ ବାଲିଗୁଡ଼ା ବ୍ଲକର ୪ଟି ଦୁର୍ଗମ ପଞ୍ଚାୟତରେ ୧୫କୋଟି ଟଙ୍କା ବ୍ୟୟ ଅଟକଳରେ ବିଜୁ ସେତୁ ଯୋଜନାରେ ନିର୍ମାଣ ହେବାକୁ ଥିବା ୪ଟି ସେତୁର ଭିତ୍ତିପ୍ରସ୍ଥର ସ୍ଥାପନ କରିଛନ୍ତି । ବାଲିଗୁଡ଼ା ବ୍ଲକର ବାରଖମା ପଞ୍ଚାୟତ ଡ଼େଲାମୁଣ୍ଡାଠାରୁ ଗତିଙ୍ଗିଆ ରାସ୍ତାରେ ୨କୋଟି ୮୭ଲକ୍ଷ ଟଙ୍କା ବ୍ୟୟରେ ଏବଂ ସଲାଗୁଡ଼ା ପଞ୍ଚାୟତ ସକରପଡ଼ି-ବୁକୁକିଆ ରାସ୍ତାରେ ୨କୋଟି ୯୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ବୁଡୁରୁକିଆ ପଞ୍ଚାୟତର ମାଦିନାଟ ନାଳ ଉପରେ ୫କୋଟି ୫ଲକ୍ଷ ଟଙ୍କା ଏବଂ ସିନ୍ଦ୍ରିଗାଁ ପଞ୍ଚାୟତର ଗାଡ଼ିଆଯୋଡ଼ି ନାଳ ଉପରେ ୩ କୋଟି ୯୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ହାଇ ଲେବଲ୍ ସେତୁର ଶିଳାନ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, କନ୍ଧମାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାଇକିଆ ବ୍ଲକର ସୁଗଡ଼ାବାଡ଼ି-ଡ଼ିଗି ରାସ୍ତାର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେବା ସହ ରାଇକିଆ, ଟିଆଙ୍ଗିଆ, କାନବାଗେରୀ, ଟିକାବାଲିଠାରେ ସଂଖ୍ୟାଲଘୁ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହାଛଡ଼ା ରାଇକିଆଠାରେ ପଞ୍ଚାୟତ ସୁବିଧା କେନ୍ଦ୍ର ଓ ରାଇକିଆ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ । ପରେ ରାଇକିଆଠାରେ ୩ଟି ସ୍ୱଂୟ ସହାୟକ ଗୋଷ୍ଠୀର ମହିଳାଙ୍କୁ ନିଜସ୍ୱ ପାଣ୍ଠିରୁ ସିଲେଇ ମେସିନ୍ ବଣ୍ଟନ କରିଥିଲେ । ସୂଚନାଯୋଗ୍ୟ, ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସାଂସଦ ଶ୍ରୀ ସାମନ୍ତ ନିଜସ୍ୱ ପାଣ୍ଠିରୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକରେ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀକୁ ସିଲେଇ ମେସିନ୍ ବଣ୍ଟନ କରିଆସୁଛନ୍ତି । ଏହିସବୁ କାର୍ଯ୍ୟକ୍ରମରେ ଉପବାଚସ୍ପତି ସାଲୁଗା ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, କନ୍ଧମାଳ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ, ବିଡିଓ ସୀମାଚଳ ମଣ୍ଡଳ ପ୍ରମୁଖ ଯୋଗଦେଇ ଥିଲେ ।

# ଫିରିଙ୍ଗିଆଠାରେ କିନ୍ନର ମାନଙ୍କର ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଉନ୍ନିତ ଉଚ୍ଚବିଦ୍ୟାଳୟ ଖେଳପଡିଆ ଠାରେ କନ୍ଧମାଳ ଜିଲ୍ଲା କିନ୍ନର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁର୍ଗିମାତା କିନ୍ନର ସଂଘ ଫିରିଙ୍ଗିଆ ଶାଖା ଅନୁକ୍ୟଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ସଂଘ ର ସଭାପତି ମୁନି କିନ୍ନର ସଭାପତିତ୍ୱ କରିଥିବା ବେଳେ କନ୍ଧମାଳ ଜିଲ୍ଲା ରାଇକିଆ ର କିନ୍ନର ମାନଙ୍କ ଗୁରୁ ସଂଧ୍ୟାରାଣୀ କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସାମାଜିକ ଦୁରତା ବଜାୟ ରଖି କୋଭିଡ ନିୟମ ଅନୁସାରେ ଆୟୋଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଘୁ.ଉଦୟଗିରି ରୁ ଝୁମୁକା ନାୟକ ,ବାଲିଗୁଡାରୁ ବିଷ୍ଣୁପ୍ରିୟା ପ୍ରଧାନ ,ତୁମୁଡିବନ୍ଧ ବ୍ଲକରୁ ସୁମନ ବାରିକ , ରାଇକିଆରୁ ଲିପସା କିନ୍ନର ,ଫୁଲବାଣୀରୁ ପାୟଲ କିନ୍ନର ,କ.ନୁଆଁଗାଁରୁ ନିଲୁ ବିଶୋୟୀ,ଖଜୁରିପଡା ବ୍ଲକରୁ ଶିତଲ କିନ୍ନର , କୋଟଗଡରୁ ସଂଧ୍ୟା କିନ୍ନରଙ୍କ ସହ ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକରୁ ଜଣେ ଲେଖାଏଁ ପ୍ରତିନିଧି ଯୋଗ ଦେଇଥିଲେ । ଫିରିଙ୍ଗିଆ କିନ୍ନର ସଂଘର ସମ୍ପାଦକ ରିଙ୍କି କିନ୍ନର ଓ ମନିସା ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ତେବେ କିନ୍ନର ମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ଏହା ସହ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ଭତା ପ୍ରଦାନ, ଉଚ୍ଚ ଶିକ୍ଷିତ କିନ୍ନର ମାନଙ୍କୁ ସରକାରୀ ଚାକିରି ଦେବା କିନ୍ନର ମାନଙ୍କୁ ସ୍ୱାୟଂସହାୟକ ଗୋଷ୍ଠୀ ଗଠନ କରିବା ଦିଗରେ ରାଜ୍ୟସରକାର ପଧକ୍ଷେପ ନେବା ଜରୁରି ବୋଲି ବୈଠକରେ ଆଲୋଚନା ହୋଇଥିଲା । ଅନ୍ୟପଟେ ଫିରିଙ୍ଗିଆ ଠାରେ କିନ୍ନର ମାନଙ୍କ ବୈଠକ ପାଇଁ ଏକ ବୈଠକ ଗୃହ ଓ କରୋନ କଟକଣା ପାଇଁ ଜୀବିକା ହରାଇଥିବା କିନ୍ନର ମାନେ କିପରି ସରକାରୀ ସହୟତା ପାଇବେ ସେହି ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ହୋଇଥିବା ସମସ୍ତ ପ୍ରସ୍ତାବକୁ ଜିଲ୍ଲାପାଳଙ୍କୁ ଜଣାଇବା ନେଇ ଆଲୋଚନା ହୋଇଥିଲା ।

# ପ୍ରଧାନମନ୍ତ୍ରୀଙ୍କ ଯାଜପୁର ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ପ୍ରକଳ୍ପ ଘୋଷଣା କରିବାକୁ ଦାବି

ଭୁବନେଶ୍ୱର(ପି.ଏନ): ଆଗାମୀ ମାର୍ଚ୍ଚ ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚଣ୍ଡିଖୋଲ ଗସ୍ତ ସମୟରେ ଯାଜପର ରୋଡ଼-ଧାମରା ରେଳପଥ ନିର୍ମାଣ ହରିଦାସପୁର କେନ୍ଦ୍ରାପଡ଼ା ପାରାଦ୍ୱିପ ପର୍ଯ୍ୟ' ପାସେର ଟ୍ରେନ୍ ଚାଲୁ କରିବା ଧାନମଣ୍ଡଳ ଠାରେ ଇଣ୍ଡିଆନ ଅଏଲ ତରଫରୁ ତୈଳ ବିଶୋଧନଗାର ସ୍ଥାପନ କରିବା । ଓଡ଼ିଶାର ୪୮୦ କି.ମି. ବ୍ୟାପ୍ତ ସମୁଦ୍ର ତଟ ଅଂଚଳରେ ହେଂାଳ ବଣ ସହ ଉଚ୍ଚ ବନ୍ଧ ଓ ରାସ୍ତା ନିର୍ମାଣ କରିବା । ପ୍ରକଳ୍ପ ଗୁଡ଼ିକୁ ପ୍ରଧାନମନ୍ତ୍ରୀ ୫ ତାରିଖ ତାଙ୍କ ଗସ୍ତ ସମୟରେ ଘୋଷଣା କରିବା ପାଇଁ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ କଂଗ୍ରେସ କାର୍ଯ୍ୟକାରିଣି ସଦସ୍ୟ ଡ. ରାମଚନ୍ଦ୍ର ଖୁଂଟିଆ ଦୃଢ଼ ଦାବୀ କରିଛଁ । ଦୈତାରୀ ପାରାଦ୍ୱିପ ତୋରିତ ରାଜପଥ ରାସ୍ତାକୁ ୮ଲେନ୍ ବିଶିଷ୍ଟ ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଛି । ଏହି ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଏହାକୁ ଶୁଭ ଦେବା ନିର୍ମାଣ କାର୍ଯ୍ୟ ସରିନଥିବାରୁ ଏହାକୁ ଲୋକାର୍ପଣ କରିବା ସମୟ ଆସିନାହିଁ । ସେହପରି ଯାଜପୁର ରୋଡ଼ ଫ୍ଲାଇ ଓଭର ନିର୍ମାଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଟଙ୍କା ଦେବା ପରେ ନିର୍ମାଣ କରିବା ପାଇଁ ଟେଣ୍ଡର କରାଯାଇନଥିବାବେଳେ ଏହାକୁ ଲୋକାର୍ପଣ କରିବା ନିର୍ବାଚନ ପୂର୍ବରୁ ଏହା ରାଜନୈତିକ ଉଦ୍ଦ୍ୟେଶ ପ୍ରଣୋଦିତ । ଯାଜପୁର-କେନ୍ଦୁଝର - ରାଉରକେଲା-ସୁନ୍ଦରଗଡ଼ ଅଂଚଳରୁ ହଜାର ହଜାର କୋଟି ଟଙ୍କାର ଖଣିଜ ପଦାର୍ଥ ବିଦେଶକୁ ପଠାଯାଉଥିଲାବେଳେ ଏହି ଖଣିଜ ପଦାର୍ଥ ସରିଗଲା ପରେ ଯାଜପୁର କେନ୍ଦ୍ରଝର - ରାଉରକେଲା - ସୁନ୍ଦରଗଡ଼ ଡ. ଖୁଂଟିଆ ପ୍ରଶ୍ନ କରିଛନ୍ତ । ଏଣୁ ଏ ସମସ୍ତ ଖଣିଜ ପଦାର୍ଥ ରପ୍ତାନ କରି ଯାଜପୁର କେନ୍ଦ୍ରଝର - ରାଉରକେଲା - ସୁନ୍ଦରଗଡ଼ ଅଂଚଳରେ ଏହି ଖଣିଜ ପଦାର୍ଥକୁ ବିନିଯୋଗ କରି ନୂତନ କଳକାରଖାନା ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିବାକୁ ପ୍ରଧାନମନ୍ତ୍ରୀଙ୍କ ଠାରେ ଡ. ଖୁଂଟିଆ ଦାବୀ କରିଛଁ । ଏହି ଉପରୋକ୍ତ ପ୍ରୋଜେକ୍ଟ ଗୁଡ଼ିକୁ ଘୋଷଣା କରାନଗଲେ ଏହା ପ୍ରଧାନମନ୍ତ୍ରୀଙ୍କର କେବଳ ଏକ ନିର୍ବାଚନ ସଭା ଏବଂ ଏହାକୁ କଂଗ୍ରେସ ଦଳ ତରଫରୁ ବିରୋଧ କରାଯିବ ବୋଲି ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ମନୋଜ ରାଉତ କଂଗ୍ରେସ ନେତା, ଶ୍ରୀ ସନ୍ତୋଷ ନନ୍ଦ ।

# ଫିରିଙ୍ଗିଆରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ୮୫ ୟୁନିଟ ରକ୍ତ ସଂଗୃହିତ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଦରମହକୁମା ଠାରେ ଥିବା ବିଜୁକଲ୍ୟାଣ ମଣ୍ଡପରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିର ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ କର୍ଣ୍ଣଙ୍କ ପରିଚାଳନାରେ ଆୟୋଜିତ ହୋଇଥିଲା । ଏଥିରେ କନ୍ଧମାଳ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ସାରତୀ ମଲ୍ଲିକ,ଜିଲ୍ଲା ବିଜେଡି ଯୁବ ସଭାପତି ବିଷ୍ଣୁଚରଣ ମଲ୍ଲିକ,ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ,ଜିଲ୍ଲା ପରିଷଦ ସଦସ୍ୟା ଜୟଶ୍ରୀ କହଁର,ସମିତି ସଭ୍ୟ ପ୍ରତାପ କୁମାର ସାହୁ,ବିଜୁ ଜନତା ଦଳ ଫିରିଙ୍ଗିଆ ସଭାପତି ପ୍ରଦୀପ କୁମାର ବେହେରାଙ୍କ ସମେତ ଅନ୍ୟ ବିଜୁ ଜନତା ଦଳର କର୍ମୀମାନେ ଉପସ୍ଥିତ ରହି ରକ୍ତ ଦାନ କରିଥିଲେ ।

# ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୁର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ । ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ୍ୟ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ରଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।




2024-2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


# ହୀଦ ବାଜି ରାଉତଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ଦାବିରେ ମହିଳା ଶିଶୁ ବିଭାଗ ମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ପତ୍ର

ଭୁବନେଶ୍ୱର, (ପିଏନ)- ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବାଜି ରାଉତ (୫ ଅକ୍ଟୋବର ୧୯୨୬ - ୧୧ ଅକ୍ଟୋବର ୧୯୩୮)ଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରିବା, ଜାତୀୟ ସ୍ତରରେ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା ଓ ରାଜଧାନୀରେ ବାଜି ରାଉତଙ୍କ ପ୍ରତିମୂର୍ତି ପ୍ରତିଷ୍ଠା ଦାବିକରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦେଶର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀଙ୍କ ପାଖକୁ ଆଜି ବାଜି ରାଉତଙ୍କ ୮୨ତମ ଶହୀଦ ଦିବସ ଉପଲକ୍ଷେ ଏକ ପତ୍ର ଲେଖାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଲିଖିତ ଏହି ପତ୍ରର ଏକକିତା ନକଲ ଦେଶର ପ୍ରଧାନମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ପ୍ରଦାନ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଯାଇଛି । ଏହି ପତ୍ରରେ ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ, ୧୨ ବର୍ଷର ବାଳକ ବାଜି ରାଉତଙ୍କର ତ୍ୟାଗ ଅତୁଳନୀୟ । ଜାତୀୟ ଇତିହାସ ପୃଷ୍ଠାରେ ତାଙ୍କ ତ୍ୟାଗ ପାଇଁ ଯେଉଁ ସ୍ଥାନ ମିଳିବା କଥା, ତାହା ମିଳିପାରିନାହିଁ । ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ଥିଲେ ସର୍ବକନିଷ୍ଠ ଶହୀଦ । ଆଜିର ପିଢୀ ତାଙ୍କ ଜୀବନୀରୁ ଅନେକ କିଛି ଶିଖିପାରିବ । ଆଜିର ଶିଶୁମାନଙ୍କ ଭିତରେ ବାଜି ରାଉତଙ୍କ ତ୍ୟାଗ ଓ ସାହାସର ବ୍ୟାପକ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି । ତେଣୁ ଏହାକୁ ଆଖି ଆଗରେ ରଖି ଶହୀଦ ବାଜି ରାଉତଙ୍କ ନାମରେ ଜାତୀୟ ସ୍ତରରେ ଏକ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରାଯାଉ ଏବଂ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା କରାଯାଇ ତାଙ୍କ ପ୍ରତିମୂର୍ତିକୁ ସେଠାରେ ସ୍ଥାନିତ କରାଯିବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଏ ଦିଗରେ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଇ-ମେଲ୍ ଯୋଗେ ଏକ ପତ୍ର ପ୍ରଦାନ କରି ଅନୁରୋଧ କରିଛନ୍ତି ।

## ଚୋରା ମଦ ବିକ୍ରି ବନ୍ଦ କରିବାକୁ ଯାଇଥିବା ମହିଳା ପୁଲିସଙ୍କୁ ଆକ୍ରମଣ

# ଜଣେ ଗିରଫ, ଅନ୍ୟମାନେ ଫେରାର

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ତଥା ବିଶୋଇ ଥାନା ନିକଟ ଶନିବାର ସାପ୍ତାହିକ ହାଟରେ କେତେକ ମହିଳା ସବୁ ଦିନ ବସି ହାଣ୍ଡିଆ ସହ ମହୁଲି ମଦ ବିକ୍ରି କରିଥାନ୍ତି । କେବଳ ହାଟ ବାରି ଦିନ ହାଣ୍ଡିଆ ଓ ମଦ ପିଇବା ନିମନ୍ତେ ସେମାନଙ୍କ ନିକଟରେ ବେଶ ଗହଳି ଜମି ଥାଏ । ଏହି ହାଣ୍ଡିଆ ଓ ଦେଶୀ ମହୁଲି ମଦ ବିକ୍ରିକୁ ବନ୍ଦ କରିବା ନିମନ୍ତେ ବିଶୋଇ ଥାନା ମହିଳା ପୁଲିସ କର୍ମଚାରୀ ମଞ୍ଜୁଲତା ସାହୁ ହାଣ୍ଡିଆ ଓ ମଦ ବିକ୍ରି କରୁଥିବା ମହିଳାମାନଙ୍କୁ ତାଗିଦ କରିଥିଲେ । କିନ୍ତୁ ପୁଲିସର ସତର୍କବାଣିକୁ ମହିଳାମାନେ ନ ମାନି ସେମାନଙ୍କର ବ୍ୟବସାୟ ଜାରି ରଖିଥିଲେ । ଖବରପାଇ ବିଶୋଇ ଥାନା ମହିଳା ପୁଲିସ ପହଁଚି ହାଣ୍ଡିଆ ଓ ମଦ ବିକ୍ରିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ଉଭୟଙ୍କ ମଧ୍ୟରେ ପ୍ରଥମେ କଥାକଟାକଟି ଓ ପରେ ହାତାହାତି ଆରମ୍ଭ ହୋଇଯାଇଥିଲା । ଦୁଇ ଜଣ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀ ଯାଇଥିବା ମହିଳା ପୁଲିସ କର୍ମଚାରୀମାନଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ । ଏହାପରେ ମହିଳା ପୁଲିସ କର୍ମଚାରୀ ମଧ୍ୟ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀମାନଙ୍କୁ ଆକ୍ରମଣ କରୁଥିବାର ଏକ ଭିଡ଼ିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହାପରେ ମହିଳା ପୁଲିସ କର୍ମଚାରୀ ସ୍ଥାନୀୟ କାଣ୍ଡରା ଗ୍ରାମର କାପୁରା ମାର୍ଣ୍ଡିଙ୍କୁ ଧରି ଥାନାକୁ ନେଇ ଯାଇଥିଲେ ଏବଂ ଥାନାରେ ୯୯/୨୦୨୦ରେ ଏକ ମାମଲା ରୁଜୁ କରି ବେଆଇନ ଭାବେ ଚୋରା ମଦ ବିକ୍ରି କରିବା ଓ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଭିଯୋଗରେ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ପୁଲିସ ପକ୍ଷରୁ ତାକୁ ଧରିବା ନିମନ୍ତେ ତଲାସୀ ଜାରି ଥିବାର ଜଣାପଡ଼ିଛି ।

# ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ

ଭୁବନେଶ୍ୱର, (ପିଏନ)- ଆନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଆଜି ପୂର୍ବାହ୍ନରେ ଆୟୋଜିତ ରାଜ୍ୟସ୍ତରୀୟ ୱେବିନାରରେ ରାଜ୍ୟର କିଶୋରୀମାନଙ୍କ ନିମନ୍ତେ ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି ମୋ ସ୍ୱର, ଆମର ସମାନ ଭବିଷ୍ୟତ । ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଏହି ପ୍ୟାକେଜ ଲୋକାର୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରାଜ୍ୟର ୧୦ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ ସାମଗ୍ରିକ ବିକାଶ ଏବଂ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ଏବଂ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ଏହା କାର୍ଯ୍ୟକାରୀ କରାଯିବ ।

ଏହି ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ସାହୁ କହିଲେ, ଅଦ୍ୱିକାର ଅର୍ଥ ଅଦ୍ୱିତୀୟ କରି ଗଢ଼ି ତୋଳିବାରେ ଏହା ଏକ ଅଭିନବ ପ୍ରୟାସ । ନିଜ ସମସ୍ୟାକୁ ବୁଝିପାରିଲେ ନିଜ ଅଧିକାର ପାଇଁ ସେମାନେ ଲଢ଼ି ଶିଖିବେ ଏବଂ ସମାଜରେ ଦୃଢ଼ ଭାବେ ଠିଆ ହୋଇପାରିବେ । ପ୍ରତ୍ୟେକ ଝିଅଙ୍କ ସୁରକ୍ଷିତ, ସୁଖପୂର୍ଣ୍ଣ ଉଜ୍ଜଳ ଭବିଷ୍ୟତ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ।

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Wednesday June 19, 2024 ଭୁବନେଶ୍ୱର ବୁଧବାର, ଜୁନ ୧୯,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଗ୍ରୀଷ୍ମକାଳୀନ ହ୍ୟାଣ୍ଡବଲ ପ୍ରଶିକ୍ଷଣ ଶିବିର ଉଦଯାପିତ









ବ୍ରହ୍ମପୁର,କୁକୁଡାଖଣ୍ଡି,(ପି.ଏନ): ଗଞ୍ଜାମ ଜିଲ୍ଲା ହ୍ୟାଣ୍ଡବଲ ସଙ୍ଘ ପକ୍ଷରୁ ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଦୀର୍ଘ ଏକ ମାସ ଧରି ଚାଲିଥିବା ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ରବିବାର ଉଦଯାପିତ ହୋଇଯାଇଛି। ସଂଘର କାର୍ଯ୍ୟକାରୀ ସଭାପତି ବରିଷ୍ଠ ଆଇନଜୀବୀ ଅଶୋକ କୁମାର ଶୁକ୍ଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ତଥା ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ତଥା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଡକ୍ଟର ଗୀତାଞ୍ଜଳି ଦାଶ ଏବଂ ସମ୍ମାନିତ ଅତିଥି ଭାବେ ଜାତୀୟ ପଦକ ପ୍ରାପ୍ତ କ୍ରୀଡ଼ାବିତ ତଥା ସେଣ୍ଟ୍ରାଲ ଏକ୍ସାଇଜ ଏବଂ କଷ୍ଟମସ ବିଭାଗର ଅଧିକ୍ଷକ ଡି. ବିଜୟ କୁମାର ଯୋଗ ଦେଇଥିଲେ। ଉତ୍ସବରେ କ୍ରୀଡ଼ାବିତ ମିତେନ୍ ଭୂୟାଁ ଏବଂ ଜିଲ୍ଲା ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ି, ମୁଖ୍ୟ କୋଚ୍ ତଥା (ଏନ ଆଇ ଏସ୍) କୋଚ୍ ପ୍ରଶାନ୍ତ କୁମାର ରଥ, କୋଷାଧ୍ୟକ୍ଷ ଡକ୍ଟର ମନୋଜ କୁମାର ପାତ୍ର, ସମାଜସେବୀ ମିଟୁ ସାବତ, ପ୍ରିୟବ୍ରତ ପାଣିଗ୍ରାହୀ ଏବଂ କ୍ରୀଡ଼ାବିତ ବିରଳା ପ୍ରସାଦ ମାଝୀ, ନୀଳକଣ୍ଠ ନଗର ସରସ୍ୱତୀ ବିଦ୍ୟା ମନ୍ଦିର ଅଧକ୍ଷ ସୁବ୍ରତ ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ହ୍ୟାଣ୍ଡବଲ ଖେଳ ପ୍ରତି ପିଲାଙ୍କ ଆଗ୍ରହ ଓ ନିଷ୍ଠା ସହ ମିଳୁଥିବା ସଫଳତାକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ପୂର୍ବାଞ୍ଚଳ ଅନ୍ତଃ ବିଶ୍ୱବିଦ୍ୟାଳୟ ହ୍ୟାଣ୍ଡବଲ ପ୍ରତିଯୋଗିତାର ଆୟୋଜନ କରିବା ନେଇ ମୁଖ୍ୟଅତିଥି ପ୍ରଫେସର ଦାଶ ଖେଳାଳିମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଥି ସହିତ ହ୍ୟାଣ୍ଡବଲ ଖେଳପଡିଆର ଉନ୍ନତି କରିବା ପାଇଁ ସେ ଧ୍ୟାନ ଦେବେ ବୋଲି କହିଥିଲେ। ସେହିଭଳି ସମ୍ମାନିତ ଅତିଥି ତଥା ବିଶିଷ୍ଟ କ୍ରୀଡ଼ାବିତ ଡି ବିଜୟ କୁମାର ପିଲାମାନଙ୍କୁ ଖେଳରେ ଆଗେଇ ଆଣିବାକୁ ହେଲେ ଅଭିଭାବକ ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଖେଳିବା ଦ୍ୱାରା ଉଭୟ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥତା ରହିବା ସହ ଭବିଷ୍ୟତ ଗଠନରେ ମଧ ବେଶ ସହାୟକ ହେବ ବୋଲି ପରାମର୍ଶ ଦେଇଥିଲେ। ଏହି ଶିବିର ଗତ ମେ ୩ ତାରିଖ ଠାରୁ ଆରମ୍ଭ ହୋଇଥିଲା। ଏଥିରେ ସହରର ତଥା ଉପକଣ୍ଠରେ ଥିବା ବିଭିନ୍ନ ବିଦ୍ୟାଳୟରୁ ବିଭିନ୍ନ ବର୍ଗରେ ପ୍ରାୟ ୨୫୦ ଜଣ ଉତ୍ସାହି ଖେଳାଳି ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ। ଦୀର୍ଘ ଏକ ମାସ ଧରି ଚାଲିଥିବା ଏହି ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିରରେ ଏନ୍ ଆଇ ଏସ୍ କୋଚ୍ ପ୍ରଶାନ୍ତ କୁମାର ରଥଙ୍କ ସହ ବହୁ ସିନିଅର ଖେଳାଳି ଅକ୍ଲାନ୍ତ ପରିଶ୍ରମ କରି ଶିବିରାର୍ଥୀଙ୍କୁ ବିଭିନ୍ନ କୌଶଳ ସମ୍ପର୍କିତ ତାଲିମ ଦେଇଥିଲେ। ଶେଷରେ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଙ୍କ ଦ୍ୱାରା ବିଶିଷ୍ଟ ପ୍ରଶିକ୍ଷକ ପ୍ରଶାନ୍ତ କୁମାର ରଥ ଓ ଜିଲ୍ଲା ସମ୍ପାଦକ ଶ୍ରୀଯୁକ୍ତ ସୁରେଶ ଚନ୍ଦ୍ର ପାଢିଙ୍କୁ ସେମାନଙ୍କ ନିଷ୍ଠାପର କାର୍ଯ୍ୟ ପାଇଁ ସଙ୍ଘ ପକ୍ଷରୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ପରେ ସଙ୍ଘ ପକ୍ଷରୁ ଉଭୟ ମୁଖ୍ୟ ଅତିଥି ପ୍ରଫେସର ଦାଶ ଓ ସମ୍ମାନିତ ଅତିଥି ବିଜୟ କୁମାରଙ୍କୁ ସଂଘର କାର୍ଯ୍ୟକାରୀ ସଭାପତି ଅଶୋକ ଶୁକ୍ଲଙ୍କ ଦ୍ୱାରା ଓ ଅନ୍ୟତମ ଅତିଥି ସୁବ୍ରତ ପାଣିଗ୍ରାହୀ, ବିରଳା ପ୍ରସାଦ ମାଝି ଓ ମିତେନ ଭୂୟାଁଙ୍କୁ ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀଙ୍କ ଦ୍ୱାରା ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ଖେଳାଳିଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣ ପତ୍ର ଓ ପଦକ ସହ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ହେବାକୁ ଥିବା ବିଭିନ୍ନ ଅନ୍ତଃଜିଲ୍ଲା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଏହି ଶିବିରରେ ଅଂଶଗ୍ରହଣ କରିଥିବା ଖେଳାଳିମାନଙ୍କ ମଧ୍ୟରୁ ଟିମ ଚୟନ କରାଯିବ ବୋଲି ଜିଲ୍ଲା କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରର ଉଦଯାପନି ଉତ୍ସବକୁ ସଂଘର ସାଙ୍ଗଠନିକ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଶକ୍ତିଧର ରାଜଗୁରୁ ସଂଯୋଜନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଖେଳାଳିମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାମୁହିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଦୀର୍ଘ ଏକ ମାସ ଧରି ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ସିନିୟର ଖେଳାଳି, ଖେଳପ୍ରେମୀଙ୍କ ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନର କ୍ରୀଡାଶିକ୍ଷକ, ସଂଘର ସଭାପତି ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ ଓ ସ୍ଥାନୀୟ କର୍ପୋରେଟର ପ୍ରଦୀପ କୁମାର ଶତପଥୀଙ୍କ ଆକୁଣ୍ଠ ସାହାଯ୍ୟ ଓ ସହଯୋଗ ରହିଆସିଛି।

## ଗଜପତି ଓ ଗଞ୍ଜାମ ସୀମାନ୍ତରେ ଥିବା ତପ୍ତପାଣି ଘାଟିରେ ଓଲଟିଲା ଟ୍ରକ୍; ଚାଳକ ମୃତ

ପାରଳାଖେମୁଣ୍ଡି, (ତାରିଣୀ ପ୍ରସାଦ ପଣ୍ଡା ): ଗଜପତି ଓ ଗଞ୍ଜାମ ଜିଲ୍ଲା ସୀମାକୁ ଲାଗି ରହିଥିବା ପାରଳାଖେମୁଣ୍ଡି ବନଖଣ୍ଡ ଅଧୀନରେ ଥିବା ତପ୍ତପାଣି ଘାଟି ପାଲୁଖୋଳା ଗ୍ରାମ ନିକଟରେ ଗୋଟିଏ ହଳଦୀ ବୋଝେଇ ଟ୍ରକ୍ ଓଲଟି ପଡ଼ିଥିଲା। ଫଳରେ ଟ୍ରକ ଭିତିରେ ଥିବା ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଚାଳକ ଜଣଙ୍କ ହେଲେ ନୟାଗଡ଼ ଜିଲ୍ଲା ଇଟାମାଟି ସୁରେଶ ଗୁରୁଙ୍ଗ ଗଜପତି ଜିଲ୍ଲାରୁ ଗୋଟିଏ ଟ୍ରକ୍ ?ରେ ହଳଦୀ ବୋଝେଇ କରି ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ପାଲୁଖୋଳା ଗ୍ରାମ ନିକଟ ବୁଲାଣିଆ ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଟ୍ରକଟି ଓଲଟି ପଡ଼ିଥିଲା। ସାନଖେମୁଣ୍ଡି ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି କଟର ମାଧ୍ୟମରେ ଗାଡ଼ିକୁ କାଟି ସୁରେଶଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ୬୪ ଯୋଗିନୀ ପୀଠର ଉନ୍ନତି ଖୁବ୍ ଶୀଘ୍ର ହେବ



ବାଲିଅନ୍ତା, (ପି.ଏନ): ସାଧାରଣନିର୍ବାଚନ ଗଣତି ଅବ୍ୟବହିତ ପୂର୍ବରୁ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ବିଜେପି ଲୋକସଭା ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସପତ୍ନୀଙ୍କ ସହ ପ୍ରସିଦ୍ଧ ତନ୍ତ୍ରପିଠ ୬୪ ଯୋଗିନୀ ପିଠ ପରିଦର୍ଶନରେ ଆସିଥିଲେ। ଶ୍ରୀ ପ୍ରଧାନ ପହଞ୍ଚିବା ପରେ ପ୍ରଥମେ ଉମାଦେଇବ୍ରହ୍ମପୁର ପଞ୍ଚାୟତ ସରପଞ୍ଚ ରମାଲତା ନାୟକ, ସମିତିସଭ୍ୟ ରଞ୍ଜନ କୁମାର ମହାପାତ୍ର, ପ୍ରକୃତିବନ୍ଧୁ ଦିନବନ୍ଧୁ ଭୋଇ, ଯୁବ ସମାଜସେବୀ ତାପସ କୁମାର ମଲ୍ଲିକ ଉପଢୌକନ ଓ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ପରେ ପିଠ ପରିସରରେ ମୁଖ୍ୟଦେବୀ ମା' ମହାମାୟାଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏଥିସହ ମହାମାୟାଙ୍କୁ ଘେରି ରହିଥିବା ୬୪ ଯୋଗିନୀଙ୍କ ମୂର୍ତ୍ତିଙ୍କୁ ଦର୍ଶନ କରିଥିଲେ। ପରେ ପିଠ ପରିସରରେ ବୁଲିବାସହ ମନଲୋଭା କାରୁକାର୍ଯ୍ୟକୁ ଉପଭୋଗ କରିଥିଲେ। ସେହିପରି ପିଠ ପରିସରରେ ଥିବା ଶିବ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଶେଷରେ ପିଠର ମହାତ୍ମ୍ୟ ବିଷୟରେ ଉପସ୍ଥାପନା କରିବା ସହ ଏଥର ଓଡ଼ିଶାରେ ପରିବର୍ତ୍ତନ ଅବଶ୍ୟମ୍ଭାବୀ ବୋଲି ଉପସ୍ଥିତ ଗଣମାଧମ ପ୍ରତିନିଧିଙ୍କୁ କହିଥିଲେ। ପ୍ରଧାନମନ୍ତ୍ରୀଙ୍କୁ ସାରାଦେଶ ତଥା ରାଜ୍ୟରେ ବହୁ ଜନମତ ମିଳିସାରିଛି। ସେହିପରି ଓଡ଼ିଶାରେ ସରକାର ଗଠନ ନେଇ ବିଭିନ୍ନ ମୁଦ୍ରିତ ଓ ସାମାଜିକ ଗଣମାଧମରେ ପ୍ରକାଶିତ ଜନମତ(ଏକଜିଟ ପୁଲ)କୁ ନେଇ ପ୍ରଶ୍ନରେ ସେ କହିଥିଲେ ଏହା ପୂର୍ବାନୁମାନ କରାଯାଇଛି। ଏହାର ସତ୍ୟାସତ୍ୟ ଗଣତି ପରେ ଜଣାପଡିବ। ସେହିପରି ଏହି ପିଠଟି ଭାରତୀୟ ପ୍ରତ୍ନତତ୍ତ୍ୱ (ଏଏସଆଇ) ଅଧିନରେ ଥିଲେ ମଧ ସେଭଳି ଆଖିଦୃଶିଆ ହୋଇନଥିବା କିଛି ସାମ୍ବାଦିକ ପ୍ରଶ୍ନ କରିବାରୁ ଏଥିପ୍ରତି ଖୁବଶୀଘ୍ର ଦୃଷ୍ଟି ଦିଆଯିବ ବୋଲି କହିଥିଲେ। ଏହି ସମୟରେ ବିଜେପି ନେତା ସିଦ୍ଧେଶ୍ୱର ନାଥ, ବିଜୟ ମହାରଣା, ସୁବାସ ଜେନା, ପ୍ରିୟବ୍ରତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




# ପ୍ରଧାନଶିକ୍ଷକଙ୍କୁ ଅବସର କାଳୀନ ଅବସରରେ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ



ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅବସର କାଳୀନ ଅବସରରେ ତିନିଜଣ ପ୍ରଧାନ ଶିକ୍ଷକଙ୍କୁ ପୂର୍ଣ୍ଣାଙ୍ଗ ପେନସନ ରାଜ୍ୟରେ ପ୍ରଥମ ଥର କରି ପ୍ରଦାନ କରାଯାଇଛି। ଏଥିରେ ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ ଉପସ୍ଥିତ ରହି ସିକୋ ଚନ୍ଦ୍ର ଶେଖର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ମାଣ୍ଡୋଇ, ପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପ୍ରଧାନ ଓ ଗୁରୁଜଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେଶ କୁମାର ପାଣିଙ୍କୁ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ କରିଥିଲେ। ଏଥିରେ ଶିକ୍ଷକ ମାନେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ତରାଇଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ପ୍ରଥମ ପର୍ଯ୍ୟାୟ ଯୁକ୍ତ୩ ନାମଲେଖା ଆବେଦନ ଶେଷ

ଧର୍ମଶାଳା, (ପିଏନ୍): ଯୁକ୍ତ ୩ କଲେଜରେ ନାମଲେଖା ଅବେଦନ ପ୍ରକ୍ରିୟା ସୋମବାର ଶେଷ ହୋଇଛି। ଧର୍ମଶାଳା ବ୍ଲକରେ ଥିବା ୫ଟି ଡିଗ୍ରୀ କଲେଜରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ମୋଟ ୧୨୧୬ଟି ସିଟ ରହିଥିବା ବେଳେ ପ୍ରଥମ ପସନ୍ଦ ଭାବେ ୮୫୭ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ଏହି କଲେଜ ଗୁଡିକରେ କଳାରେ ୮୬୪ସିଟ ଥିବା ବେଳେ ୬୧୬ଜଣ, ବିଜ୍ଞାନରେ ୨୮୮ଟି ସିଟ ରହିଥିବା ବେଳେ ୨୧୪ଜଣ ଓ ବାଣିଜ୍ୟରେ ୬୪ସିଟ ରହିଥିବା ବେଳେ ୧୭ଜଣ ମୋଟ ୮୫୭ଜଣ ଆବେଦନ କରିଥିବା ଜଣାଯାଇଛି। ଆସ'। ୨୫ ତାରିଖ ଅପରାହ୍ନ ୪ଟାରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ ୨୬ ତାରିଖରୁ ୨୯ ତାରିଖ ପର୍ଯ୍ୟ' ଅପରାହ୍ନ ୪ଟା ଯାଏ ପ୍ରଥମ ପର୍ଯ୍ୟାୟ ନାମଲେଖା ଆରମ୍ଭ ହେବ। ଜୁଲାଇ ୫ ତାରିଖ ଅପରାହ୍ନ ୪ଟାରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ ଓ ୬ ତାରିଖରୁ ୯ ତାରିଖ ଅପରାହ୍ନ ୪ଟା ଯାଏ ନାମଲେଖା ଚାଲିବ। ସେହିପରି ଜୁଲାଇ ୧୫ ତାରିଖରେ ତୃତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ ଓ ଜୁଲାଇ ୧୬ତାରିଖରୁ ୧୯ ତାରିଖ ଅପରହ୍ନ ୪ଟା ଯାଏ ଛାତ୍ରଛାତ୍ରୀମାନେ ନାମ ଲେଖାଇ ପାରିବେ। ଅଗଷ୍ଟ ୧ରୁ ଯୁକ୍ତ ୩ ପ୍ରଥମ ବର୍ଷର ପାଠପଡା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଧର୍ମଶାଳା ଯୁକ୍ତ୩ କଲେଜରେ କଳାରେ ୨୫୬ସିଟ ଥିବା ବେଳେ ପ୍ରଥମ ପସନ୍ଦ ଭବେ ୨୦୯, ବିଜ୍ଞାନରେ ୧୬୦ ସିଟ ଥିବା ବେଳେ ୧୨୧ ଜଣ,ବାଣିଜ୍ୟରେ ୬୪ସିଟ ଥିବା ବେଳେ ୧୭ ଜଣ ପ୍ରଥମ ପସନ୍ଦ ଭାବେ ଆବେଦନ କରିଛନ୍ତି। ଧର୍ମଶାଳା ମହିଳା ଡିଗ୍ରୀ କଲେଜରେ କଳାରେ ୧୨୮ ସିଟ ଥିବା ବେଳେ ୭୯ ଜଣ ଛାତ୍ରୀ ଆବେଦନ କରିଛନ୍ତି। ମୁକୁନ୍ଦପାତ୍ର ଡିଗ୍ରୀ କଲେଜରେ କଳାରେ ୨୨୪ ସିଟ ଥିବା ବେଳେ ୧୩୩ଜଣ ଓ ବିଜ୍ଞାନରେ ୧୨୮ସିଟ ଥିବା ବେଳେ ୯୩ ଜଣ ଆବେଦନ କରିଛନ୍ତି।

## ଶପଥ ନେଲେ ଧର୍ମଶାଳା ନବନିର୍ବାଚିତ ବିଧାୟକ ହିମାଂଶୁ ସାହୁ

ଧର୍ମଶାଳା, (ପିଏନ୍): ଓଡିଶା ବିଧାନସଭାର ଆଜି ସ୍ୱତନ୍ତ୍ର ଅଧିବେଶନରେ ନିବନିର୍ବାଚିତ ବିଧାୟକମାନେ ଶପଥ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଧର୍ମଶାଳାର ନବନିର୍ବାଚିତ ବିଧାୟକ ହିମାଂଶୁ ଶେଖର ସାହୁ ବିଦ୍ଧିବଦ୍ଧ ଭାବେ ବିଧାନସଭା ଗୃହରେ ଶପଥ ନେଇଛନ୍ତି। କାମଚଳା ବାଚସ୍ପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶ୍ରୀ ସାହୁଙ୍କୁ ଏହି ଶପଥ ପାଠ କରାଇଛନ୍ତି। ଏନେଇ ଧର୍ମଶାଳାରେ ହିମାଂଶୁଙ୍କ ସମର୍ଥକମାନଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି। ସୂଚନା ଯୋଗ୍ୟ, ଚଳିତ ନିର୍ବାଚନରେ ଶ୍ରୀ ସାହୁ ଧର୍ମଶାଳାର ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କୁ ପରାସ୍ତ କରି ବିଜୟ ମୁକୁଟ ପିନ୍ଧିଛନ୍ତି।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray